# ପ୍ରଥମ ସର୍ଗ - ଗୀତ ୧



*ମେଘୈର୍ମେଦୁରମମ୍ବରଂ ବନଭୁବଃ ଶ୍ୟାମାସ୍ତମାଲଦ୍ରୁମୈ-*
*ର୍ନକ୍ତଂ ଭୀରୁରୟଂ ତ୍ୱମେବ ତଦିମଂ ରାଧେ ଗୃହଂ ପ୍ରାପୟ।*
*ଇତ୍ଥଂ ନନ୍ଦନିଦେଶତଶ୍ଚଳିତୟୋଃ ପ୍ରତ୍ୟଧ୍ୱକୁଞ୍ଜଦ୍ରୁମଂ*
*ରାଧାମାଧବୟୋର୍ଜୟନ୍ତି ଯମୁନାକୂଳେ ରହଃ କେଳୟଃ।*

| | |
|---|---|
| ମାୟା ରଚିଲେ ଦେବ ମାୟାଧର। | ମେଘ ଆସି ଆଚ୍ଛାଦିଲା ଅମ୍ବର। |
| ନିବିଡ଼ ନୀଳମେଘ ପ୍ରକାଶିଲା। | ବିପିନ ଗିରି ଶ୍ୟାମଳ ଦିଶିଲା। |
| ନୀଳତମାଳତରୁ ଘନଲତା। | ଦେଖିଣ ନନ୍ଦ ପାଇଲେକ ଚିନ୍ତା। |
| ରାଧାକୁ ବୋଲନ୍ତି ବରଜପତି। | ଗୋଡ଼ାଇ ଅଇଲାତ ଏ ଶ୍ରୀପତି। |
| ନିଶାରେ ଗୋଗୋଷ୍ଠେ କରିବ ଭୟ। | ଗୃହେ ପ୍ରବେଶ କରାଅ ତନୟ। |
| ଏମନ୍ତେ ନନ୍ଦର ଆଦେଶ ଘେନି। | ଚଳିଗଲେ ରାଧାମାଧବ ବେନି।୬। |
| ଯମୁନାକୂଳେ ଘନତରୁବର। | ଲତାନିକୁଞ୍ଜ ଗୃହର ଆକାର। |
| ନିର୍ଜନ ପ୍ରସରଭୂମିରେ ମିଳି। | ନିକୁଞ୍ଜେ ନିକୁଞ୍ଜେ କରନ୍ତି କେଳି। |
| ବିବିଧବନ୍ଧେ ରସକ୍ରୀଡ଼ା ଯେତେ। | ଜୟଯୁକ୍ତ ହେଉ ସାରା ଜଗତେ। |

ମେଘ ଘୋଟି ଆସିବାରୁ ତମାଳବୃକ୍ଷ ପରିପୂର୍ଣ୍ଣ ଘନ ଜଙ୍ଗଲରେ ଘୋର ଅନ୍ଧକାର ଘୋଟିଗଲା। ତହୁଁ ଶ୍ରୀରାଧାଙ୍କୁ ଦେଖି ନନ୍ଦ କହିଲେ, "ରେ ରାଧିକେ, ଅନ୍ଧକାର ରାତ୍ରିରେ ଭୟ କରୁଥିବା ମୋର ଏହି ପୁଅକୁ ଘରେ ପହଞ୍ଚାଇଦିଅ।" ନନ୍ଦଙ୍କର ଏହି ପ୍ରକାର ନିର୍ଦ୍ଦେଶରେ ରାଧାକୃଷ୍ଣ ଦୁହେଁ, ଯମୁନାକୂଳର ପଥ ପ୍ରାନ୍ତରେ ଥିବା ଦ୍ରୁମ ପରିପୂର୍ଣ୍ଣ କୁଞ୍ଜବନରେ ପ୍ରବେଶକରି ଯେଉଁ ରହସ୍ୟ ତଥା ଆମୋଦଜନକ କେଳି କରିଥିଲେ, ସେହି ରାଧାମାଧବଙ୍କ କେଳି ଜୟଯୁକ୍ତ ହେଉ।

*Damodara, the Gleeful*

*Nanda tells Rādhā to take Kṛṣṇa home quickly since He is afraid of the dark and the forest path has already become dark with the shadow of the Tamāḷa trees with the approaching night and an overcast sky. Accordingly, Rādhā guides Mādhava through the dense trees and thickets. Once they are alone on the banks of the Ẏamunā their secret passion for each other triumphs and they are united. Glory to the mystical union of Rādhā and Mādhava.*



*ବାଗ୍‌ଦେବତା-ଚରିତ-ଚିତ୍ରିତ-ଚିତ୍ତସଦ୍ମା*
*ପଦ୍ମାବତୀ-ଚରଣ-ଚାରଣ-ଚକ୍ରବର୍ତ୍ତୀ।*
*ଶ୍ରୀ-ବାସୁଦେବ-ରତି-କେଳି-କଥା-ସମେତ-*
*ମେତଂ କରୋତି ଜୟଦେବ-କବିଃ ପ୍ରବନ୍ଧଂ।*

---

| | |
|---|---|
| ବଚନ ଦେବତାଚରିତ୍ରେ ଯାର। | ଚିତ୍ରିତ ହୋଇଛି ଚିତ୍ତସଦ୍ମର। |
| ପଦ୍ମାବତୀର ଚରଣଚାରଣ। | ଚକ୍ରବର୍ତ୍ତୀପଣେ ଅଟେ ନିପୁଣ। |
| ସେ ଶ୍ରୀ କେଶବ ରତିକେଳି କଥା। | ଯୁକ୍ତ ପ୍ରବନ୍ଧ କରୁଅଛି ଗାଥା। |
| ଶ୍ରୀଜୟଦେବଙ୍କ କବିତାରସ। | କର୍ଣ୍ଣେ ପାନ କଲେ ହେବ ହରଷ। |

---

ବାଣୀ ଆରାଧନାରେ ଅବିଚଳତମନା ଏବଂ ନିଜର ନୃତ୍ୟରତା ପତ୍ନୀ ପଦ୍ମାବତୀଙ୍କ ଚରଣକୁ ନୃତ୍ୟଛନ୍ଦରେ ଚଳଚଞ୍ଚଳ କରିବାରେ ଚକ୍ରବର୍ତ୍ତୀ ଅର୍ଥାତ ଶ୍ରେଷ୍ଠ ନୃତ୍ୟତତ୍ତ୍ୱଜ୍ଞ (ଅଥବା ଜଣେ ନିଷ୍ଠାପର ପ୍ରେମିକ ଭାବରେ ନିଜର ପ୍ରାଣପ୍ରିୟା ପଦ୍ମାବତୀଙ୍କ ମାନଭଞ୍ଜନ କାଳରେ ତାଙ୍କର ପାଦପତନ ପୂର୍ବକ ଅନୁନୟ ଆଦିରେ ନିପୂଣ), କବି ଜୟଦେବ; ଲକ୍ଷ୍ମୀନାରାୟଣ ବା ଶ୍ରୀରାଧାମାଧବଙ୍କ ପ୍ରଣୟ ରୂପକ କେଳି ବର୍ଣ୍ଣନାମୂଳକ ଏହି ରସମୟ କାବ୍ୟ ରଚନା କରୁଛନ୍ତି।

---

*Poet Jayadeva, the Master servitor at the lotus feet of Padmāvati composes this Prabandha depicting the love dalliance of Sri (Rādhā and Vāsudeva (Kṛṣṇa) inspired by Sarasvatī, the goddess of speech.*



*ଯଦି ହରି-ସ୍ମରଣେ ସରସଂ ମନୋ ଯଦି ବିଳାସକଳାସୁ କୁତୂହଳଂ*
*ମଧୁର-କୋମଳ-କାନ୍ତ-ପଦାବଳୀଂ ଶୃଣୁ ତଦା ଜୟଦେବସରସ୍ୱତୀଂ।*

ଯେବେ ସୁଜନେ ହରିସ୍ମରଣରେ। ସରସମନ କରିଛ ନିର୍ଭରେ।
ଯେବେ ସକଳ ବିଳାସକଳାରେ। କୁତୁହଳ ମନ ହୋଇ ସେ ପାରେ।
ମଧୁର କୋମଳପଦେ ରଚିତ। ଶ୍ରବଣ କର ଜୟଦେବ ଗୀତ।

ହେ ରସଜ୍ଞ ଭକ୍ତଜନତା, ଯଦି ରାଧାମାଧବଙ୍କ ସ୍ମରଣରେ ତୁମମନ ରସାଣିତ ହୋଇଛି, ଯଦି ବିଳାସକଳା ଅର୍ଥାତ ନୃତ୍ୟଗୀତ ଆଦି କଳାବିଦ୍ୟା ପ୍ରତି ତୁମ ମନରେ କୌତୂହଳ ଜାତ ହୋଇଛି, ତେବେ ଶୁଣିବାକୁ ଶ୍ରୁତିସୁଖକର ଅର୍ଥାତ ମଧୁର, କୋମଳ ତଥା ସୁନ୍ଦର ପଦାବଳୀଦ୍ୱାରା ରଚିତ ଜୟଦେବଙ୍କ ବାଣୀ ଅର୍ଥାତ ଗୀତଗୋବିନ୍ଦ ଶ୍ରବଣ କର।

*If you wish to make your mind ecstatial by remembering hari, if you are curious to know the art of sensual dalliance, then listen to the sweet soft and soothing lyrics of Jayadeva's literary creation.*



*ବାଚଃ ପଲ୍ଲବୟତ୍ୟୁମାପତିଧରଃ ସନ୍ଦର୍ଭ-ଶୁଦ୍ଧିଂ ଗିରାଂ*
*ଜାନୀତେ ଜୟଦେବ ଏବ ଶରଣଃ ଶ୍ଳାଘ୍ୟୋ ଦୁରୂହ-ଦ୍ରୁତେ।*
*ଶୃଙ୍ଗାରୋତ୍ତର-ସତ୍-ପ୍ରମେୟ-ରଚନୈରାଚାର୍ଯ୍ୟ ଗୋବର୍ଦ୍ଧନଃ*
*ସ୍ପର୍ଦ୍ଧୀ କୋଽପି ନ ବିଶ୍ରୁତଃ ଶ୍ରୁତିଧରୋ ଧୋୟୀ କବି-କ୍ଷ୍ମା-ପତିଃ।*

---

ଉମାପତିଧର ଏକ ହିଁ ବ୍ୟକ୍ତି। ବଚନପଲ୍ଲବେ ଅଟେ ତା ଶକ୍ତି।
କଠିନ ଦୁର୍ବୋଧ ଶୀଘ୍ର ରଚନା। ଶରଣ କେବଳ ଜାଣନ୍ତି ସିନା।
ଶୃଙ୍ଗାରରସ ରଚନାରେ କେହି। ଗୋବର୍ଦ୍ଧନାଚାର୍ଯ୍ୟ ସମାନ ନାହିଁ।
କବି ଭୂପତି ଧୋୟୀ ନାମେ ରାଜା। ଶ୍ରୁତିଧର ବୋଲି ଲୋକେ ତା ପୂଜା।
ବଚନମାନଙ୍କ ସନ୍ଦର୍ଭଶୁଦ୍ଧି। ଜୟଦେବ ଏକା ଜାଣେ ସୁବୁଦ୍ଧି।

---

ଉମାପତିଧର ନାମକ କବି କେବଳ ପଦଗୁଡ଼ିକୁ ପଲ୍ଲବିତ କରାଇ ଅନାବଶ୍ୟକ ଭାବରେ ବିସ୍ତାର କରାଇଥା'ନ୍ତି। କିନ୍ତୁ ପଦ ମଧ୍ୟରେ ଥିବା ଧ୍ୱନି ଓ ରସ ଆଦି ପ୍ରତି ସେ ଆଦୌ ସଚେତନ ନୁହନ୍ତି। ତେଣୁ ତାଙ୍କ କବିତା ମାଧୁର୍ଯ୍ୟପୂର୍ଣ୍ଣ ହୁଏନାହିଁ। ଶରଣ ନାମକ କବି ଯେଉଁ କବିତା ରଚନା କରନ୍ତି ସେଥିରେ ଗୂଢ଼ ଅର୍ଥଯୁକ୍ତ ପଦମାନ ରହିଥାଏ। ତେଣୁ ତାହା ସହଜରେ ଶ୍ରୋତାମାନଙ୍କ ପକ୍ଷରେ ବୋଧଗମ୍ୟ ହୁଏନାହିଁ। ଆହୁରି ମଧ୍ୟ ସେଥିରେ ପ୍ରସାଦ ଆଦି ଗୁଣ ନ ଥିବାରୁ ତାହା ପାଠକ ଓ ଶ୍ରୋତାମାନଙ୍କ ମଧ୍ୟରେ ଆଦୃତ ହୋଇ ନ ଥାଏ। ସେହିପରି ଆଚାର୍ଯ୍ୟ ଗୋବର୍ଦ୍ଧନ ନାମକ କବି କେବଳ ଶୃଙ୍ଗାରରସପ୍ରଧାନ କାବ୍ୟକବିତାଦି ରଚନାରେ ପ୍ରବୀଣ ଅଟନ୍ତି। ଅନ୍ୟାନ୍ୟ ରସରେ ରସାଣିତ କବିତା ରଚନା କରିବାରେ ସେ ପାରଦର୍ଶିତା ଦେଖାଇନାହାନ୍ତି। ତେଣୁ ତାଙ୍କ ରଚନା ସବୁଶ୍ରେଣୀର ପାଠକ ଓ ଶ୍ରୋତାମାନଙ୍କୁ ଆନନ୍ଦ ଦେଇ ନ ଥାଏ। କାରଣ ଶୃଙ୍ଗାର ଭିନ୍ନ ହାସ୍ୟ, ବୀର ଓ କରୁଣ ରସାଦି ଯୁକ୍ତ କବିତା ହିଁ ସତ୍‌କାବ୍ୟ ରୂପେ ବିବେଚିତ ହୋଇଥାଏ। କବି ଗୋବର୍ଦ୍ଧନ ଆଚାର୍ଯ୍ୟ କେବଳ ଉତ୍କଟ ଶୃଙ୍ଗାରରସମୂଳକ କବିତା ରଚନା କରୁଥିବାରୁ ତାଙ୍କ କବିତାଗୁଡ଼ିକ ବିଦ୍ୱତ୍ ସମାଜରେ ସେପରି ଆଦୃତ ହୁଏନାହିଁ।

ଧୋୟୀ (ପବନଦୂତ ନାମକ ଖଣ୍ଡକାବ୍ୟର ପ୍ରଣେତା) ନାମକ କବି, ଯଦିଓ କବିମଣ୍ଡଳୀରେ ଶ୍ରେଷ୍ଠ ରୂପେ ପରିଗଣିତ ହୁଅନ୍ତି, ତାଙ୍କ କବିତାଗୁଡ଼ିକ କେବଳ ଶୁଣିବାକୁ ଭଲଲାଗେ ସିନା, ସେଥିରେ ଉନ୍ନତ କାବ୍ୟକୌଶଳ ପରିଲକ୍ଷିତ ହୁଏନାହିଁ। କିନ୍ତୁ ବିଷୟବସ୍ତୁ ଉତ୍ତମରୂପେ ପରିଚିତ କରାଇ, କାନ୍ତକୋମଳ ତଥା ମଧୁର ପଦାବଳୀ ଯୁକ୍ତ ବହୁରସ ସମାଶ୍ରିତ କାବ୍ୟ କବିତାଦି ରଚନା କରିଥିବାରୁ, କବି ଜୟଦେବଙ୍କ କାବ୍ୟରେ 'ସନ୍ଦର୍ଭଶୁଦ୍ଧି' ରୂପକ ଚମତ୍କାରିତା ପରିଲକ୍ଷିତ ହୋଇଥାଏ।

---

*Umāpatidhara might be famous for free flowing diction, Śaraṇa's sense of sound might be superb, Dhoyi might have a musical ear, Ācārya Govardhana might excel in eroticism, but no one can surpass Jayadeva as a poet because of his pure design of words and felicity.*



*ପ୍ରଳୟ-ପୟୋଧି-ଜଳେ ଧୃତବାନସି ବେଦମ୍*
*ବିହିତ-ବହିତ୍ର-ଚରିତ୍ରମଖେଦମ୍।*
*କେଶବ ଧୃତ-ମୀନ-ଶରୀର ଜୟ ଜଗଦୀଶ ହରେ। ଧ୍ରୁବଂ।*

---

ଜୟ ଜୟ ଜଗନ୍ନାଥ ଦେବ ମଧୁହାରି। ତୁମ୍ଭର ମହିଁମା କେହୁ କହିବ ବିସ୍ତାରି।
ପ୍ରଳୟପୟୋଧିଜଳେ ମୀନରୂପ ଧରି। ଶଙ୍ଖା ନାମେ ଦନୁଜକୁ ହେଳାରେ ସଂହାରି।
ବେଦ ଉଦ୍ଧରିଣ ଆଣି ବିଧାତାକୁ ଦେଲ। ଜଗତହିତ ନିମିତ୍ତେ ଛଡ଼ାଇ ଘେନିଲ।

---

ହେ ଜଗଦୀଶ (ଜଗନ୍ନାଥ)! ହେ ହରି! ହେ କେଶବ! ପ୍ରଳୟ କାଳରେ ସମୁଦ୍ରମାନ ମିଳିତ ହୋଇ ସଂସାର ଜଳାର୍ଣ୍ଣବ ହୋଇଥିବା ସମୟରେ, ତୁମେ ଆଦୌ କ୍ଳାନ୍ତ ନ ହୋଇ ମୀନ ଶରୀର ଧାରଣପୂର୍ବକ ନୌକା ରୂପେ ଜଗତର ଅକ୍ଷୟ ଜ୍ଞାନ ବେଦକୁ ଉଦ୍ଧାର କରି କାଳକାଳକୁ କଥା ରଖିଯାଇଛ। ତୁମର ସେହି ମୀନ ରୂପର ଜୟ ହେଉ। ଅର୍ଥାତ ଭକ୍ତମାନେ ତୁମର ସେହି ମୀନ ଅବତାରର ଜୟଗାନ କରୁଛନ୍ତି।

---

*O Keśava, when the entire universe was inundated with the water of the seas during the apocalypse, You upheld the Vedas in Your incarnation as a fish and restored knowledge to the world. Hail Hari, Lord of the universe.*

*କ୍ଷତିରତି-ବିପୁଳତରେ ତବ ତିଷ୍ଠତି ପୃଷ୍ଠେ*
*ଧରଣୀ-ଧରଣ-କିଣ-ଚକ୍ରଗରିଷ୍ଠେ।*
*କେଶବ ଧୃତ-କଚ୍ଛପ-ରୂପ ଜୟ ଜଗଦୀଶ ହରେ।*

---

କମଠମୂରତି କ୍ଷିତି ବିସ୍ତୀର୍ଣ୍ଣ ଗରିଷ୍ଠେ। ଧଇଲ ଚକ୍ର ଆକାରେ କଠିନ ସେ ପୃଷ୍ଠେ।

---

ଗଦ୍ୟ – ହେ ଜଗଦୀଶ (ଜଗନ୍ନାଥ)! ହେ ହରି! ହେ କେଶବ! ତୁମେ କଚ୍ଛପ ଅବତାର ଧାରଣ କରି ତୁମର ବିସ୍ତୀର୍ଣ୍ଣ ପୃଷ୍ଠଦେଶରେ ପୃଥିବୀକୁ ଧରିଥିବା ଫଳରେ, ତହିଁରେ ଚକ୍ରାକାର ବ୍ରଣ ହୋଇଥିଲା। ସେହି ଗୌରବଯୁକ୍ତ ବ୍ରଣ ଫଳରେ ପୃଥିବୀ ତା'ର ଅକ୍ଷରେ ସଂସ୍ଥାପିତ ହୋଇପାରିଥିଲା। ତେଣୁ ତୁମର ସେହି କୂର୍ମ ସ୍ୱରୂପର ଜୟ ହେଉ।

---

*In Your incarnation as a tortoise O Keśava! the world rested on Thy vast back. Hail Hari. Lord of the universe.*



*ବସତି ଦଶନ-ଶିଖରେ ଧରଣୀ ତବ ଲଗ୍ନା।*
*ଶଶିନି କଳଙ୍କ-କଳେବ ନିମଗ୍ନା।*
*କେଶବ ଧୃତ-ଶୂକର-ରୂପ ଜୟ ଜଗଦୀଶ ହରେ।*

ଶୂକରସ୍ୱରୂପେ ମହୀ ଦନ୍ତଶିଖେ ଧରି। ଚନ୍ଦ୍ରରେ କଳଙ୍କ କି ଦଶନେ ବସୁନ୍ଧରୀ।

ହେ ଜଗଦୀଶ (ଜଗନ୍ନାଥ)! ହେ ହରି! ହେ କେଶବ! ମହାପ୍ରଳୟ କାଳରେ ପୃଥିବୀ ଜଳମଗ୍ନ ହୋଇଥିବା ସମୟରେ, ତୁମେ ବରାହ ଅବତାର ହୋଇ ତାହାକୁ ଦନ୍ତ ଅଗ୍ରରେ ଧାରଣ କରିଥିଲ। ତୁମର ବିଶାଳ ଶୁଭ୍ରଦନ୍ତ ଚନ୍ଦ୍ରମଣ୍ଡଳ ପରି ଉଦ୍‌ଭାସିତ ହୋଇଥିଲା ଏବଂ ସେହି ଦନ୍ତାଗ୍ରରେ କ୍ଷୁଦ୍ର ପୃଥିବୀ ଚନ୍ଦ୍ରର କଳଙ୍କ ପରି ଶୋଭା ପାଉଥିଲା। ତେଣୁ ତୁମର ସେହି ଶୂକର ରୂପର ଜୟ ହେଉ।

*In Your incarnation as a boar, O Kṛṣṇa this earth clung to the tip of Your tusk as a speck of dust on the moon. Hail Hari. Lord of the universe.*

*ତବ କର-କମଳ-ବରେ ନଖମଭୁତ-ଶୃଙ୍ଗମ୍*
*ଦଳିତ-ହିରଣ୍ୟକଶିପୁ-ତନୁ-ଭୃଙ୍ଗମ୍।*
*କେଶବ ଧୃତ-ନରହରି-ରୂପ ଜୟ ଜଗଦୀଶ ହରେ।*

ମହାମାୟା ବିସ୍ତାରିଲ ଅତିବଡ଼ ତୁଙ୍ଗ। ଦନୁଜର କଳେବର ବଦନଟି ସିଂହ।
ହିରଣ୍ୟକଶିପୁ ନଖେ ବିଦାରିଲ ଆଣି। କରକମଳରେ ତାର ତନୁଭୃଙ୍ଗ ଜାଣି।

ହେ ଜଗଦୀଶ (ଜଗନ୍ନାଥ)! ହେ ହରି! ହେ କେଶବ! ତୁମର କରକମଳରେ ଯେଉଁ ଅଭୁତ ନଖର ଅଗ୍ରଭାଗ ରହିଛି, ତହିଁରେ ତୁମେ ହିରଣ୍ୟକଶିପୁ ନାମକ ଅସୁରର ଶରୀରରୂପୀ ଭ୍ରମରକୁ ବିଦାରଣ କରିଛ। (ଭ୍ରମର ସର୍ବଦା କମଳର ଅଗ୍ରଭାଗକୁ ବିଦାରଣ କରିଥାଏ, ମାତ୍ର ଏ କ୍ଷେତ୍ରରେ ତୁମର ଅଭୁତ ନଖ-ଶୃଙ୍ଗ ଦ୍ୱାରା ଅସୁରର ତନୁ ରୂପକ ଭୃଙ୍ଗ ବିଦାରିତ ହୋଇଛି।) ତେଣୁ ହେ ଜଗଦୀଶ, ତୁମର ସେହି ନରହରି (ନରସିଂହ) ଅବତାରର ଜୟ ହେଉ।

*O Keśava! in Your incarnation as a man-lion, You tore the demon Hiraṇyakaśipu asunder with the hideous tip of your nails extending from the fingers of Your delicate palms, as the lotus crushes the beetle with its petals. Hail Hari, Lord of the universe.*



*ଛଳୟସି ବିକ୍ରମଣେ ବଳିମଭୁତ ବାମନ*
*ପଦ-ନଖ-ନୀର-ଜନିତ-ଜନ ପାବନ।*
*କେଶବ ଧୃତ-ବାମନ-ରୂପ ଜୟ ଜଗଦୀଶ ହରେ।*

---

ଭଣ୍ଡିଲ ବଳିକି ରୂପ ଧଇଲ ବାମନ। ବିକ୍ରମି ଚରଣ ଗଲା ଅଶେଷ ଭୁବନ।
ଅନେକ କାଳର ଗଙ୍ଗା କମଣ୍ଡଳେ ସଞ୍ଚି। ଢାଳିଲା ତବ ଚରଣେ ହରଷେ ବିରଞ୍ଚି।
ପାଦକୁ ନ ଅଣ୍ଟି ମନ୍ଦାକିନୀ ବହିଯାଇ। ତୁଷାରକଣିକା ପ୍ରାୟ ନଖକୋଣେ ରହି।
ତହୁଁ ସେ ଝରିତ ସୁରନଦୀ ତିନିପୁରେ। ଅପବିତ୍ର ଜନଙ୍କ କଳୁଷ ଅପହରେ।

---

ଗଦ୍ୟ – ହେ ଜଗଦୀଶ (ଜଗନ୍ନାଥ)! ହେ ହରି! ହେ କେଶବ! ତୁମେ ବାମନ ଅବତାର ଧାରଣ କରି ବଳି ନାମକ ଦୈତ୍ୟରାଜଙ୍କୁ ଛଳକପଟରେ ପ୍ରତିହତ କରିଛ। ସୁସରନଦୀଗଙ୍ଗା ତୁମର ପଦନଖକୋଣରେ ଆଶ୍ରୟ ଗ୍ରହଣ କରି ଏହି ମର୍ତ୍ତ୍ୟମଣ୍ଡଳର ଜନମାନଙ୍କୁ ପବିତ୍ର କରିଥିଲେ। ତେଣୁ ତୁମର ସେହି ବାମନ ଅବତାରର ଜୟ ହେଉ।

*In Your incarnation as a dwarf, O Keśava, You deceived the demon king Bali.*
*Your toenails released the holy water that cleanses the world of all sins.*
*Hail Hari, Lord of the universe.*



*କ୍ଷତ୍ରିୟ-ରୁଧିରମୟେ ଜଗଦପଗତ-ପାପମ୍*
*ସ୍ନପୟସି ପୟସି ଶମିତ-ଭବ-ତାପମ୍।*
*କେଶବ ଧୃତ-ଭୃଗୁପତି-ରୂପ ଜୟ ଜଗଦୀଶ ହରେ।*

---

ପର୍ଶୁଧରରୂପ ନାଥ ଅତ୍ୟନ୍ତବିକ୍ରମ।
ଅବନୀପତିକୁଳକୁ ପ୍ରତ୍ୟକ୍ଷେ କି ଯମ।
ନିଶୋଧନ କଲ କ୍ଷତ୍ରି ଏକବିଂଶବାର।
ସ୍ନାନ ତର୍ପଣାଦି କଲ ରୁଧିର ଜଳର।
ଜଗତଜନମାନଙ୍କ ଯେତେ ଘୋରପାପ।
ସେ ଜଳ ଅବଗାହନେ ଖଣ୍ଡେ ଭବତାପ।

---

*ଗଦ୍ୟ – ହେ ଜଗଦୀଶ (ଜଗନ୍ନାଥ)! ହେ ହରି! ହେ କେଶବ! ତୁମେ ପରଶୁରାମ ଅବତାରରେ କ୍ଷତ୍ରିୟମାନଙ୍କୁ ବଧ କରି, ସେମାନଙ୍କ ରକ୍ତରେ ଜଗତକୁ ସ୍ନାନ କରାଇବା ସଙ୍ଗେ ସଙ୍ଗେ ସଂସାରରୁ ପାପ ଓ ତାପ ଦୂର କରିଛ। ହେ ଜଗଦୀଶ! ତୁମର ସେହି ଭୃଗୁପତି ଅବତାରର ଜୟ ହେଉ।*

---

*In Your incarnation as a dwarf, O Keśava, You deceived the demon king Bali. Your toenails released the holy water that cleanses the world of all sins. Hail Hari, Lord of the universe.*



ବିତରସି ଦିକ୍ଷୁ ରଣେ ଦିକ୍‌ପତି-କମନୀୟମ୍
ଦଶମୁଖ-ମୌଳି-ବଳିଂ ରମଣୀୟମ୍।
କେଶବ ଧୃତ-ରାମ-ଶରୀର ଜୟ ଜଗଦୀଶ ହରେ।

ଦଶରଥଘରେ ରାମଚନ୍ଦ୍ର ଅବତାର। ବାନ୍ଧିଲ ସାଗରେ ସେତୁ ଘେନିଣ ପଥର।
ରଣେ ରାବଣର ଦଶଶିରକୁ ବିନାଶି। ବଳି ଦେଇ ଦିଗପାଳମାନଙ୍କ ସନ୍ତୋଷି।

ଗଦ୍ୟ – ହେ ଜଗଦୀଶ (ଜଗନ୍ନାଥ)! ହେ ହରି! ହେ କେଶବ! ତୁମେ ରାମ ଅବତାରରେ ଦଶାନନ ରାବଣକୁ ସଂହାର କରି ତାହାର ଦଶଗୋଟି ମସ୍ତକକୁ ଇନ୍ଦ୍ର, ଅଗ୍ନି, ଯମ, ନୈଋତ, ବରୁଣ, ପବନ, କୁବେର, ଈଶାନ, ବ୍ରହ୍ମା ଓ ଅନନ୍ତ ରୂପୀ ଦଶଦିକ୍‌ପାଳଙ୍କୁ ରମଣୀୟ ବଳିରୂପେ ଅର୍ପଣ କରିଛ। ତେଣୁ ତୁମର ସେହି ଶ୍ରୀରାମ ଅବତାର ଜୟଯୁକ୍ତ ହେଉ।

*In Your incarnation as a dwarf, O Keśava, You deceived the demon king Bali.*
*Your toenails released the holy water that cleanses the world of all sins.*
*Hail Hari, Lord of the universe.*



*ବହସି ବପୁଷି ବିଶଦେ ବସନଂ ଜଳଦାଭମ୍*
*ହଳ-ହତି-ଭୀତି-ମିଳିତଯମୁନାଭମ୍*
*କେଶବ ଧୃତ-ହଳଧର-ରୂପ ଜୟ ଜଗଦୀଶ ହରେ।*

ବଳଭଦ୍ରରୂପ ଅକଳଙ୍କ ଚନ୍ଦ୍ରକାନ୍ତି। କଟି, ନୀଳନିଚୋଳ ଯମୁନାଜଳଭ୍ରାନ୍ତି।

ଗଦ୍ୟ – ହେ ଜଗଦୀଶ (ଜଗନ୍ନାଥ)! ହେ ହରି! ହେ କେଶବ! ତୁମେ ହଳଧର ଅବତାରରେ ନୀଳଜଳଦମାଳା ସଦୃଶ ଯେଉଁ ନୀଳାମ୍ବର ପରିଧାନ କରିଥିଲ, ତାହା ଲାଙ୍ଗୁଳମୁନରେ ବିତାଡ଼ିତ ହେବା ଭୟରେ ଆତଙ୍କିତ ଯମୁନାର ଜଳଧାରା ସଦୃଶ ଶୋଭା ପାଉଥିଲା। ଭକ୍ତ ଜନତା ତୁମର ସେହି ହଳଧର ସ୍ୱରୂପର ଜୟଗାନ କରୁଛନ୍ତି।

*In Your incarnation as Haladhara, O Keśava, You adorned Your bright body with cloud-like blue attire, appearing like river Yamunā clinging to you, being afraid of the impact of your plough. Hail Hari, Lord of the universe.*



*ନିନ୍ଦସି ଯଜ୍ଞ-ବିଧେରହହ ଶ୍ରୁତି-ଜାତମ୍*
*ସଦୟ-ହୃଦୟ-ଦର୍ଶିତ-ପଶୁଘାତମ୍।*
*କେଶବ ଧୃତ-ବୁଦ୍ଧ-ଶରୀର ଜୟ ଜଗଦୀଶ ହରେ।*

ସଦୟହୃଦୟ ବୁଦ୍ଧଶରୀର ବହିଲ। ପଶୁଘାତ ଅର୍ଥେ ଯଜ୍ଞବିଧିକି ଦୋଷିଲ।

ଗଦ୍ୟ – ହେ ଜଗଦୀଶ (ଜଗନ୍ନାଥ)! ହେ ହରି! ହେ କେଶବ! ତୁମେ ବୁଦ୍ଧ ଅବତାର ଧାରଣ କରି, ବେଦରେ ଥିବା ଯଜ୍ଞରେ ପଶୁବଧ ସୂଚକ ମନ୍ତ୍ରଗୁଡ଼ିକୁ ସଦୟ ହୃଦୟରେ ନିନ୍ଦା କରିଛ। ତୁମର ଏହି ଅଦ୍ଭୁତ କଷ୍ଟଦାୟକ ତଥା କରୁଣାପୂର୍ଣ୍ଣ କାର୍ଯ୍ୟ ପାଇଁ ଭକ୍ତଜନତା ତୁମ ବୁଦ୍ଧ ସ୍ୱରୂପର ଜୟଗାନ କରୁଛନ୍ତି।

*In Your incarnation as Buddha, O Keśava, You demonstrated Your compassion by condemning the sacrifice of animals in Vedic rituals. Hail Hari, Lord of the universe.*

*ମ୍ଲେଚ୍ଛ-ନିବହ-ନିଧନେ କଳୟସି କରବାଳମ୍*
*ଧୂମକେତୁମିବ କିମପି କରାଳମ୍।*
*କେଶବ ଧୃତ-କଲ୍କୀ-ଶରୀର ଜୟ ଜଗଦୀଶ ହରେ।*

କଲ୍କୀ ରୂପେ କରେ ଧରି ମହାଅଶିପତ୍ର। ଜ୍ୱଳନବଦନ ଅତି ଭୟଙ୍କର ଗାତ୍ର।
ମ୍ଲେଚ୍ଛ ପାପୀ ଦୁରାଚାରସମୂହ ସଂହାରି। ଉଶ୍ୱାସିଲ କ୍ଷିତିଭାରା ଲୀଳାମାତ୍ର କରି।

ଗଦ୍ୟ – ହେ ଜଗଦୀଶ (ଜଗନ୍ନାଥ)! ହେ ହରି! ହେ କେଶବ! ତୁମେ ମ୍ଲେଚ୍ଛମାନଙ୍କ ବିନାଶ ନିମିତ୍ତ ଧୂମକେତୁ (ଲଞ୍ଜାତାରା) ସଦୃଶ ଭୟଙ୍କର ଖଡ୍‌ଗ ଧାରଣ କରିଛ। ତୁମର ସେହି କଲ୍‌କି ଅବତାର ଜୟଯୁକ୍ତ ହେଉ।

*In Your incarnation as Kaļkī, O Keśava, You have held aloft a terrible sword, as fiery as a comet, to destroy the barbarians. Hail Hari, Lord of the universe.*



ଶ୍ରୀଜୟଦେବ-କବେରିଦମୁଦିତମୁଦାରମ୍
ଶୃଣୁ ସୁଖଦଂ ଶୁଭଦଂ ଭବ-ସାରଂ।
କେଶବ ଧୃତ-ଦଶବିଧ-ରୂପ ଜୟ ଜଗଦୀଶ ହରେ।

ଶ୍ରୀଜୟଦେବ କବିଙ୍କ ରଚିତ ଏ ସ୍ତୋତ୍ର। ଶ୍ରବଣ ସୁଖଦ ଯେ ପବିତ୍ର କରେ ଗାତ୍ର।
ଭବସାଗର ତରଣେ ଯେ ଅଟଇ ସାର। ସଂସାରେ ସେ ଦଶବିଧ ରୂପର ପ୍ରଚାର।

ଗଦ୍ୟ – ଶ୍ରୀଜୟଦେବ କବିଙ୍କ ରଚିତ ଶ୍ରୀଜଗନ୍ନାଥଙ୍କ ଦଶବିଧ ରୂପର ଉଦାର ବର୍ଣ୍ଣନାକୁ ଭକ୍ତଜନମାନେ ଶ୍ରବଣ କର। ଏହି ଦଶାବତାର ସ୍ତୁତି ଶୁଭଦାୟକ, ଶୁଣିବାକୁ ସୁଖପ୍ରଦ ତଥା ଭବସାଗର ଉଦ୍ଧାରର ସାର ଅଟେ। ହେ ଜଗନ୍ନାଥ! ହେ ହରି! ହେ କେଶବ! ସଂସାରର ହିତସାଧନ ନିମିତ୍ତ ଦଶବିଧ ରୂପେ ଅବତୀର୍ଣ୍ଣ ହୋଇଥିବା ତୁମର ଅବତାରମାନଙ୍କର ଜୟ ହେଉ।

*O devotees, listen to the mellifluous description of the ten incarnations of the Lord of this universe composed by the poet Jayadeva, which is both pleasant and auspicious and will help you to be delivered from this world. Homage to all ten incarnations of Yours, O Keśava, Lord of the universe.*



*ବେଦାନୁଦ୍ଧରତେ ଜଗଂତି ବହତେ ଭୂଗୋଲମୁଦ୍‌ବିଭ୍ରତେ*
*ଦୈତ୍ୟାନ୍ ଦାରୟତେ ବଳିଂ ଛଳୟତେ କ୍ଷତ୍ର-କ୍ଷୟଂ କୁର୍ବତେ।*
*ପୌଲସ୍ତ୍ୟଂ ଜୟତେ ହଳଂ କଳୟତେ କାରୁଣ୍ୟମାତନ୍ୱତେ*
*ମ୍ଲେଚ୍ଛାନ୍ ମୂର୍ଚ୍ଛୟତେ ଦଶାକୃତି-କୃତେ କୃଷ୍ଣାୟ ତୁଭ୍ୟଂ ନମଃ।*

ମୀନ ରୂପେ ବେଦ ଉଦ୍ଧାରିଲ ପଶି ଜଳେ। ଧରଣୀ ପୃଷ୍ଠେ ବହିଲ କଚ୍ଛପ ରୂପରେ।
ଶୂକର ରୂପେ ପୃଥିବୀ ପାତାଳୁ ଉଦ୍ଧରି। ଦନ୍ତାଗ୍ରେ ଧଇଲ ଆହେ ଦେବ ମଧୁହାରୀ।
ନରସିଂହ ରୂପେ ହିରଣ୍ୟକୁ ବିଦାରିଲ। ଖର୍ବ ରୂପେ ଭିକ୍ଷା ମାଗି ବଳିକୁ ଛଳିଲ।
ପର୍ଶୁରାମ ରୂପେ କଲ କ୍ଷତ୍ରିୟ ସଂହାର। ରାମାବତାରେ ବଧିଲ ରାବଣ ଅସୁର।
ହଳଧର ରୂପେ ହଳ କରିଛ ଧାରଣ। ବୁଦ୍ଧ ରୂପେ ପଶୁବଧ କଲ ନିବାରଣ।
ମ୍ଲେଚ୍ଛ ସଂହାରଣେ କରବାଳ କରେ ଧରି। କଲ୍‌କି ରୂପେ ଅବତୀର୍ଣ୍ଣ ହୋଇଛ ମୁରାରି।
ଏମନ୍ତରେ ଦଶବିଧ ଅବତାର ହୋଇ। ସଂସାର ପ୍ରତିପାଳନ କରିଛ ଗୋସାଇଁ।

ଗଦ୍ୟ – ହେ ଦଶବତାରକାରୀ ଶ୍ରୀକୃଷ୍ଣ! ଯଥାକ୍ରମେ ଦଶଗୋଟି ଅବତାରରେ ଅବତୀର୍ଣ୍ଣ ହୋଇ, ବେଦକୁ ଉଦ୍ଧାର କରିଛ, ଜଗତକୁ ପୃଷ୍ଠରେ ଧାରଣ କରିଛ, ଭୂମଣ୍ଡଳକୁ ଦନ୍ତାଗ୍ରରେ ଧରି ପାତାଳରୁ ଉଦ୍ଧରି ଆଣିଛ। ତୁମେ ନରହରି ରୂପ ଧାରଣ କରି ହିରଣ୍ୟକଶିପୁକୁ ସଂହାର କରିବା ସଙ୍ଗେ ସଙ୍ଗେ ବାମନରୂପ ଧାରଣ ପୂର୍ବକ ବଳିରାଜାକୁ ଛଳନା କରି ବନ୍ଦୀ କରିଛ। ତୁମେ ପରଶୁରାମ ଅବତାରରେ କ୍ଷତ୍ରିୟମାନଙ୍କୁ ସଂହାର କରି ପୃଥିବୀକୁ ଦୁଷ୍ଟରାଜାମାନଙ୍କ ଅତ୍ୟାଚାରରୁ ରକ୍ଷା କରିଛ। ପୁଲସ୍ତ୍ୟ ଋଷିଙ୍କ ପୌତ୍ର ଦଶାନନ ରାବଣକୁ ଜୟ କରି ଦେବକାର୍ଯ୍ୟ ସାଧନ କରିଛ। ତୁମେ ନୀଳାମ୍ବରଧାରୀ ହଳଧର ରୂପେ ମଧ ପ୍ରସିଦ୍ଧି ଅର୍ଜନ କରିଛ। ବୁଦ୍ଧ ଅବତାରରେ ତୁମେ କରୁଣା ବିସ୍ତାର କରି ଜନସମୂହର ଉପକାର ସାଧନ କରିଛ। ପରିଶେଷରେ ମ୍ଲେଚ୍ଛମାନଙ୍କୁ ସଂହାର କରି ଜଗତକୁ ପାପତାପରୁ ଉଦ୍ଧାର କରିଛ। ତେଣୁ ହେ କୃଷ୍ଣ! ହେ ଦଶବିଧରୂପଧାରୀ ଜଗନ୍ନାଥ, ତୁମକୁ ନମସ୍କାର।

*O Kṛṣṇa in Your ten incarnations, You have upheld the Vedas, supported the universe on Your back, rescued the earth with Your tusk, torn the demon asunder, cheated Bali, destroyed the warrior class, conquered Rāvaṇa, the son of Pulastya, wielded the plough, spread compassion, destroyed the barbarians. Homage to you O Kṛṣṇa in your ten incarnations.*

# ପ୍ରଥମ ସର୍ଗ - ଗୀତ ୨



ଶ୍ରିତ-କମଳା-କୁଚ-ମଣ୍ଡଳ ଧୃତ-କୁଣ୍ଡଳ।
କଳିତ-ଲଳିତ-ବନମାଳ, ଜୟ ଜୟ ଦେବ ହରେ। ଧ୍ରୁବଂ।

କମଳାକୁଚମଣ୍ଡଳ ଆଶ୍ରୟ ଯାହାର। ମନୋହର ବନମାଳା ଶୋଭିତ ହୃଦୟ।
ଦେବସୁରମୁନି କରିଛନ୍ତି ଜୟକାର। ମଣିଗଣଶୋଭିତ କି କୁଣ୍ଡଳ ଶ୍ରୁତିର।

କମଳାଙ୍କର କୁଚମଣ୍ଡଳକୁ ଆଶ୍ରୟକାରୀ, କର୍ଣ୍ଣରେ ମକରକୁଣ୍ଡଳଧାରୀ ଏବଂ କଣ୍ଠରୁ ପାଦ ପର୍ଯ୍ୟନ୍ତ ସୁନ୍ଦର ବନମାଳା ଧାରଣକାରୀ ହେ ହରି, ତୁମର ଜୟ ହେଉ।

*Hail Lord Hari! Adorned with garlands of wild flowers, wearing earrings, You rest on the circle of Kamalā's breasts.*



*ଦିନମଣି-ମଣ୍ଡଳ-ମଣ୍ଡନ ଭବ-ଖଣ୍ଡନ।*
*ମୁନିଜନ-ମାନସ-ହଂସ, ଜୟ ଜୟ ଦେବ ହରେ।*

ଭବତିମିର ନାଶନେ ଆଦିତ୍ୟ ପ୍ରକାଶ। ମୁନିଜନ-ମନମୀନ ସରୋବର ହଂସ।

ସୂର୍ଯ୍ୟମଣ୍ଡଳର ଅଳଙ୍କାର ସ୍ୱରୂପ, ସଂସାର ସାଗରର ଉଦ୍ଧାରକାରୀ, ମୁନିମାନଙ୍କ ଚିତ୍ତସ୍ୱରୂପ ମାନସରୋବରର ହଂସସ୍ୱରୂପୀ ହେ ଦେବ ହରି! ତୁମର ଜୟ ହେଉ।

*Hail Lord Hari! You are adorned with the halo of the sun, You deliver from the bonds of existence, You are the soul-swan of saints.*

*କାଳୀୟ-ବିଷଧର-ଗଞ୍ଜନ ଜନ-ରଞ୍ଜନ।*
*ଯଦୁକୁଳ-ନଳିନ-ଦିନେଶ, ଜୟ ଜୟ ଦେବ ହରେ।*

କାଳୀୟଭୁଜଙ୍ଗଦଳି ଜନମନ ରଞ୍ଜେ। ଯଦୁକୁଳକମଳତପନତେଜ ଗଞ୍ଜେ।

କାଳୀୟ ନାମକ ବିଷଧର ସର୍ପର ଗଞ୍ଜନକାରୀ, ଜନସମାଜର ଆନନ୍ଦବର୍ଦ୍ଧକ, ଯଦୁବଂଶ ରୂପକ ପଦ୍ମବନର ବିକାଶର ସୂର୍ଯ୍ୟ ସଦୃଶ ହେ ଦେବ ହରି, ତୁମର ଜୟ ହେଉ।

*Hail Lord Hari! You subdued the venomous serpent Kāḷīya and brought cheer to people; You are the sun to the clan of Ẏadus as it is to the lotus.*



*ମଧୁ-ମୁର-ନରକ-ବିନାଶନ ଗରୁଡାସନ।*
*ସୁରକୁଳ-କେଳି-ନିଦାନ, ଜୟ ଜୟ ଦେବ ହରେ।*

ନରକଦନୁଜ ମଧୁ ମୁର ଦର୍ପ ଗଞ୍ଜେ। ଦେବଙ୍କୁ ହରଷ ଦେଇ ଗରୁଡ଼ରେ ବିଜେ।

ମଧୁ, ମୁର ଓ ନରକ ନାମକ ଅସୁରମାନଙ୍କ ବିନାଶକାରୀ, ଗରୁଡ଼ବାହନ, ଦେବତାମାନଙ୍କର କେଳିବର୍ଦ୍ଧନର ମୂଳ କାରଣ ହେ ଦେବ ହରି, ତୁମର ଜୟ ହେଉ।

*Hail Lord Hari! Riding Your carrier Garuda You killed the demons Madhu, Mura and Narakāsura; You are the source of joy for the gods.*

*ଅମଳ-କମଳ-ଦଳ-ଲୋଚନ ଭବ-ମୋଚନ।*
*ତ୍ରିଭୁବନ-ଭବନ-ନିଦାନ, ଜୟ ଜୟ ଦେବ ହରେ।*

ଅମଳକମଳନେତ୍ର ଭବଭୟ ନାଶି। ତ୍ରିଭୁବନ ସ୍ଥାନ ଯାର ପୂର୍ଣ୍ଣ ବ୍ରହ୍ମରାଶି।

ନିର୍ମଳ ପଦ୍ମପତ୍ର ସଦୃଶ ନେତ୍ରଧାରୀ, ସଂସାର ଜନମାନଙ୍କର ମୋକ୍ଷଦାତା, ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଆଦି ତ୍ରିଭୁବନ ସୃଷ୍ଟିର ମୂଳକର୍ତ୍ତା ହେ ଦେବ ହରି, ତୁମର ଜୟ ହେଉ।

*Hail Lord Hari! Your eyes are lustrous like the petals of a lotus; You set us free from the bondage of existence; You are the creator of all the three realms of the universe.*

*ଜନକ-ସୁତା-କୃତ-ଭୂଷଣ ଜିତ-ଦୂଷଣ।*
*ସମର-ଶମିତ-ଦଶକଣ୍ଠ, ଜୟ ଜୟ ଦେବ ହରେ।*

ଜନକଦୁହିତା ହୃଦେ କଲସି ମଣ୍ଡନ। ଜିଣିଲ ସମରେ ଦଶକଣ୍ଠ ଯେ ଦୂଷଣ।

ଜନକରାଜଜେମା ସୀତାଙ୍କର କୁଚକଳସରେ ମକର ଆଦି ନାନା ପ୍ରକାର ଆଲେଖ୍ୟ ଲେଖନରେ ଦକ୍ଷ ଅଥବା ଜାନକୀଙ୍କ ହୃଦୟର ଭୂଷଣ ସ୍ୱରୂପ, ଦୂଷଣ ନାମକ ରାକ୍ଷସର ଜୟକାରୀ ଅଥବା ସମସ୍ତ ପ୍ରକାର ଦୋଷରହିତ, ରାବଣ ପରି ଅତ୍ୟନ୍ତ ଅଭିମାନୀ ରାକ୍ଷସରାଜକୁ ରଣକ୍ଷେତ୍ରରେ ବିନାଶକାରୀ ହେ ଦେବ ହରି, ତୁମର ଜୟ ହେଉ।

*Hail Lord Hari! You embellished the daughter of king Janaka; You are the conquere of Duṣaṇa, the demon; You are the slayer of Rāvaṇa in battle.*



*ଅଭିନବ-ଜଳଧର-ସୁନ୍ଦର ଧୃତ-ମନ୍ଦର।*
*ଶ୍ରୀ-ମୁଖ-ଚନ୍ଦ୍ର-ଚକୋର, ଜୟ ଜୟ ଦେବ ହରେ।*

ନବଘନ ଚାରୁ ତନୁ ଗିରିବର ପାଣି। ରମାବଦନବିଧୁକୁ ଚକୋର କି ଜାଣି।

ହେ ଦେବ ହରି, ତୁମର ରୂପ ନୂତନ ମେଘସଦୃଶ ନୀଳବର୍ଣ୍ଣ ଏବଂ ସେହି କାନ୍ତି ଅତ୍ୟନ୍ତ ସୁନ୍ଦର ହୋଇଥିବାରୁ ଗୋପିକା, ରୁକ୍ମିଣୀ ଆଦି ସୁନ୍ଦରୀ ତଥା ମହନୀୟା ନାରୀମାନେ ତୁମକୁ ପ୍ରାଣପ୍ରିୟ ରୂପେ ବରଣ କରିଛନ୍ତି। ଦେବ ଓ ଦାନବ ବାହିନୀର ସମ୍ମିଳିତ ବଳ ଯେଉଁଠାରେ ପରାଭୂତ ହୋଇଥିଲା, ସମୁଦ୍ରମନ୍ଥନ କାଳରେ ସେହି ମନ୍ଦର ପର୍ବତକୁ ତୁମେ ଏକାକୀ ପୃଷ୍ଠରେ ଧାରଣ କରି ଦେବତାମାନଙ୍କୁ ଅମୃତପାନ କରାଇଛ। ଶ୍ରୀ ଅର୍ଥାତ ଲକ୍ଷ୍ମୀ ବା ରାଧିକାଙ୍କ ମୁଖମଣ୍ଡଳ ରୂପକ ଚନ୍ଦ୍ରରୁ ତୁମେ ଚକୋର ସଦୃଶ ସୁଧାପାନ କରି, ପରମ ତୃପ୍ତ ହୋଇଛ। ହେ ଦେବ, ତୁମର ଜୟ ହେଉ।

*Hail Lord Hari! Your lustre is like fresh rain clouds;*
*You hold the mountain Mandara during the churning of the sea;*
*You are the night bird Cakora to the moon-like visage of Śrī.*

*ଶ୍ରୀ ଜୟଦେବ-କବେରିଦମ୍ କୁରୁତେ ମୁଦମ୍।*
*ମଙ୍ଗଳମୁଜ୍ଜଳ-ଗୀତମ୍, ଜୟ ଜୟ ଦେବ ହରେ।*

ଶ୍ରୀଜୟଦେବ କବିଙ୍କ ରଚିତ ଏ ଗୀତ। ଆନନ୍ଦବର୍ଦ୍ଧନ କରୁ ଆହେ ଜଗନ୍ନାଥ।

ଗଦ୍ୟ – ଏହି ମଙ୍ଗଳମୟ ତଥା ଭାବଗାମ୍ଭୀର୍ଯ୍ୟପୂର୍ଣ୍ଣ ଶ୍ରୀଜୟଦେବ କବିଙ୍କ ରଚିତ ଗୀତ ତୁମର ଆନନ୍ଦ ବର୍ଦ୍ଧନ କରୁ। ଅଥବା ଜୟଦେବ କବିଙ୍କ ରଚିତ ମଙ୍ଗଳଜନକ ଏହି କାନ୍ତକୋମଳ ପଦାବଳୀଯୁକ୍ତ ଗୀତ ସମସ୍ତଙ୍କୁ ପ୍ରମୁଦିତ କରୁ। ହେ ଦେବ ହରି, ତୁମର ଜୟ ହେଉ।

*Hail Lord Hari! Let this auspicious and radiant song composed by the poet Jayadeva inspire and please all.*





*ପଦ୍ମା-ପୟୋଧର-ତଟୀ-ପରିରମ୍ଭ-ଲଗ୍ନ*
*କାଶ୍ମୀର-ମୁଦ୍ରିତମୁରେ ମଧୁସୂଦନସ୍ୟ।*
*ବ୍ୟକ୍ତାନୁରାଗମିବ ଖେଳଦନଙ୍ଗ-ଖେଦ*
*ସ୍ୱେଦାମ୍ବୁ-ପୂରମନୁପୂରୟତୁ ପ୍ରିୟଂ ବଃ।*

---

ପଦ୍ମାପୟୋଧରତଟ ଆଲିଙ୍ଗନ କରି। ହୃଦୟ କୁଙ୍କୁମାଙ୍କିତେ ପ୍ରମୋଦ ମୁରାରି।
ମନୁ ଅନୁରାଗ କିଏ ହୋଇଛି ବାହାର। କାମଖେଦ କଳେବରେ ପୂରେ ସ୍ୱେଦନୀର।
କୋଟିମନମଥ ଗଞ୍ଜେ ଲାବଣ୍ୟବଦନ। ଚତୁର୍ଦ୍ଦଶଲୋକ ଆଲୋକିତ ଯାର ଧ୍ୟାନ।
ସେ କୃଷ୍ଣ ଚରଣେ ମନ ଦିଅ ସାଧୁଜନ। ହରିରସ ବିନୁ ଏହି ଦିବସ ଦୁର୍ଦ୍ଦିନ।

---

ଲକ୍ଷ୍ମୀଙ୍କୁ ଗାଢ଼ ଆଲିଙ୍ଗନ କରିବା ସମୟରେ, ତାଙ୍କ କୁଚ ଯୁଗଳରେ କାମତାପର ଉପଶମ ନିମିତ୍ତ ବୋଳାଯାଇଥିବା କୁଙ୍କୁମଦ୍ୱାରା ଯାହାଙ୍କର ବକ୍ଷଦେଶ ଅଙ୍କିତ ହୋଇଛି, ରତିକେଳି ଦ୍ୱାରା ଯାହାଙ୍କ ବକ୍ଷଦେଶରେ ଅନୁରାଗ ସୂଚକ ଝାଳ ବିନ୍ଦୁ ବିନ୍ଦୁ ହୋଇ ଶୋଭା ପାଉଛି, ଏପରି ଯେଉଁ ମଧୁସୂଦନ (ବିଷ୍ଣୁ ଅଥବା କୃଷ୍ଣ)ଙ୍କର ଅନୁରାଗ ଜର୍ଜରିତ ବକ୍ଷସ୍ଥଳ ତୁମମାନଙ୍କର (ଭକ୍ତଜନତାଙ୍କର) ମନୋବାଞ୍ଛା ପୂରଣ କରୁ।

---

*May the broad chest of Madhusudana—smeared with saffron from the breasts of Padmā while in deep embrace adorned with drops of sweat from the fatigue of tumultuous love-making—grant You the joy You seek.*



*ବସନ୍ତେ ବାସନ୍ତୀ-କୁସୁମ-ସୁକୁମାରୈରବୟବୈ-*
*ର୍ଭ୍ରମନ୍ତୀଂ କାନ୍ତାରେ ବହୁ-ବିହିତ-କୃଷ୍ଣାନୁସରଣାମ୍।*
*ଅମନ୍ଦଂ କନ୍ଦର୍ପ-ଜ୍ୱର-ଜନିତ-ଚିନ୍ତାକୁଳତୟା*
*ବଳଦ୍‌ବାଧାଂ ରାଧାଂ ସରସମିଦମୂଚେ ସହଚରୀ।*

---

ଶୁଣ ହେ ସୁଜନେ ଏଥୁଁ ରସବଚନ। ମିଳିଲେ ରତିରାଜନ ବସନ୍ତବନ।
କାନ୍ତ ବିଚ୍ଛେଦେ ଯୁବତି ଜ୍ୱରସମାନ। ଧଇର୍ଯ୍ୟବନକୁ କିଏ ଦାବଦହନ।
ଏମନ୍ତ ସମୟେ ତହିଁ ରାଧାସୁନ୍ଦରୀ। କୃଷ୍ଣର ବିରହେ ତନୁ ମଦନେ ଘାରି।
ତେଜିଣ ସଦନ ବୁଲେ ଘୋରବିପିନେ। ମାଧବକୁ ଅନୁସରି ଲୋଡ଼ଇ ବନେ।
ଅତି ସୁକୁମାର କର ଚରଣତଳ। ମାଧବୀ କୁସୁମଦଳ ତନୁ କୋମଳ।
ମନସିଜଜ୍ୱର ଚିନ୍ତା ଆକୁଳଭରେ। ନ ଜାଣଇ ଶ୍ରମ ପୀଡ଼ା ଚିତ୍ତବିକାରେ।
ରାଧାର ଏସନ ଦୁଃଖ ଦେଖିଣ ଦୂତୀ। କହଇ ଅଗ୍ରତେ ମିଳି ବଚନ ପ୍ରୀତି।

---

ମାଧବୀଫୁଲ ପରି ସୁକୁମାରୀ ତଥା କୋମଳାଙ୍ଗୀ ରାଧା ପ୍ରଚଣ୍ଡ କନ୍ଦର୍ପ ଜ୍ୱରରେ ଅତ୍ୟନ୍ତ ପୀଡ଼ିତା ହୋଇ, ବସନ୍ତ କାଳରେ ଶ୍ରୀକୃଷ୍ଣଙ୍କୁ ବୃନ୍ଦାବନର ଗହନ କାନନରେ ଖୋଜି ଖୋଜି ବୁଲୁଥିବା ସମୟରେ, ପ୍ରେମପାଗଳୀ ଅବସ୍ଥାରେ ଦେଖି ସହଚରୀ ଦୂତୀ ତାଙ୍କୁ ସରସବଚନ ଭଙ୍ଗୀରେ କହିଥିଲେ।

---

*With the arrival of spring tender-limbed Rādhā, wandered like a flowering creeper in the wilderness looking for Kṛṣṇa in His many haunts, deeply tormented by the desire ignited in her body by Kandarpa, the god of love-making. The maid accompanied her sang in a melodious voice to zest her.*

# ପ୍ରଥମ ସର୍ଗ - ଗୀତ ୩



ଲଳିତ-ଲବଙ୍ଗଲତା-ପରିଶୀଳନ-କୋମଳ-ମଳୟ-ସମୀରେ।
ମଧୁକର-ନିକର-କରମ୍ବିତ-କୋକିଳ-କୂଜିତ-କୁଞ୍ଜ-କୁଟୀରେ।
ବିହରତି ହରିରିହ ସରସ-ବସନ୍ତେ-
ନୃତ୍ୟତି ଯୁବତି-ଜନେନ ସମଂ ସଖି ! ବିରହି-ଜନସ୍ୟ ଦୁରନ୍ତେ। ଧ୍ରୁବମ୍।

ଦେଖ ସଖି ଲାବଣ୍ୟ ଏ' ଲବଙ୍ଗଲତା। ନବୀନପଲ୍ଲବଦଳ କୋମଳଲତା।।
ଶୀତଳେ ବହଇ ମନ୍ଦ ମଳୟାନିଳ। ମଧୁକର ମୁଖରାବ ଶୁଭେ ଚହଳ।।
କୋକିଳ ମୃଦୁ-ମଧୁର-ଲଳିତ ବାଣୀ। ପୂରିତ କୁଞ୍ଜ-ସଦନେ ମୋହନ ଜାଣି।।
ବିରହୀଜନଙ୍କୁ ଏ' କି କରିବ ଅନ୍ତ। କାନ୍ତର ବିରହେ ଦିନୁଦିନ ଦୁଃଖିତ।।
ଏମନ୍ତ ସମୟେ ଯାହା ସନ୍ନିଧେ ପତି। ହରଷେ ବଞ୍ଚଇ ଦିନ ଉତ୍ସୁକ ମତି।।
ଦେଖ ସଖି ଅଳିଯୂଥ କୁସୁମକୁଳେ। ମଧୁଆଶେ ବସିଛନ୍ତି ଚୂତ-ବକୁଳେ।।

ଗଦ୍ୟ – ହେ ରାଧେ, ମନୋଜ୍ଞ ଲବଙ୍ଗ ଲତାରୁ ଧୀରେ ଧୀରେ ବହି ଆସୁଥିବା ସୁବାସିତ ମଳୟପବନରେ ସୁଗନ୍ଧିତ ଭ୍ରମରମାନଙ୍କର ଗୁଣୁ ଗୁଣୁ ସ୍ୱର ସହିତ ସମତାଳରେ ପ୍ରକଟିତ ହେଉଥିବା କୋକିଳମାନଙ୍କ କୁହୁତାନରେ ଗୁଞ୍ଜରିତ ନିକୁଞ୍ଜକୁଟୀର ମଧରେ ଏବଂ ବିରହିଣୀ ଯୁବତୀମାନଙ୍କ ପକ୍ଷରେ କଷ୍ଟଦାୟକ ଏହି ବସନ୍ତରତୁରେ ଶ୍ରୀକୃଷ୍ଣ ଗୋପଯୁବତୀଙ୍କ ଗହଣରେ ନୃତ୍ୟ କରୁଛନ୍ତି।

*O Rādhā ! In this pleasant springtime, when the soft southerly breeze touches the delicate vines of Lavangalatā (Devakusum) and carries the aroma and the cuckoos sing in tandem with the hum of the bees in the forest abode, Hari dances with Young women. It indeed is a cruel time for deserted lovers.*



ଉନ୍ମଦ-ମଦନ-ମନୋରଥ-ପଥିକ-ବଧୂଜନ-ଜନିତ-ବିଳାପେ,
ଅଳି-କୁଳ-ସଂକୁଳ-କୁସୁମ-ସମୂହ-ନିରାକୁଳ-ବକୁଳ-କଳାପେ।

ମଦନେ ଉନ୍ମତ୍ତ ଅତି ପଥିକପ୍ରିୟା। ବିଳାପ କରନ୍ତି ଯହୁଁ ନଇଲେ ନାହା।
ବକୁଳ ପୁଷ୍ପେ ଭ୍ରମର ଶରଧା ଅତି। ତେଣୁ ସେ ସୁଗନ୍ଧେ ତା'ର ବ୍ୟାକୁଳ ମତି।

ଯେଉଁ ବସନ୍ତ କାଳରେ ରତିକାମନାରେ ଉନ୍ମତ୍ତା ହୋଇଥିବା ପଥିକମାନଙ୍କ ପ୍ରଣୟିନୀମାନେ ପ୍ରିୟତମଙ୍କ ବିରହରେ ବ୍ୟଥିତା ହୋଇ ବିଳାପ କରୁଛନ୍ତି ଏବଂ ଯେଉଁ ସମୟରେ ବଉଳ ଫୁଲର ସୁଗନ୍ଧରେ ଆକୁଳ ହୋଇ ଭ୍ରମରମାନେ ତା'ର ଚାରିପଟେ ଗୁଣୁଗୁଣୁ ସ୍ୱରରେ ଗୁଞ୍ଜନ କରୁଛନ୍ତି, ସେପରି ଦୁଃସହ ବସନ୍ତ କାଳରେ ଶ୍ରୀକୃଷ୍ଣ ଗୋପଯୁବତୀଗଣଙ୍କ ଗହଣରେ ନୃତ୍ୟ କରୁଛନ୍ତି।

*When the lonely wives of the travellers wail miserably with unrequited desire and the bees hum swarming around Mimosa flowers, Hari dances with the Young women during this cruel time for deserted lovers.*



*ମୃଗମଦ-ସୌରଭ-ରଭସ-ବଶମ୍ବଦ-ନବ-ଦଳ-ମାଳ-ତମାଳେ,*
*ଯୁବଜନ-ହୃଦୟ-ବିଦାରଣ-ମନସିଜ-ନଖରୁଚି-କିଂଶୁକ-ଜାଳେ।*

ଦେଖ ସଖି ନବଦଳ ତମାଳବନା। କସ୍ତୁରୀଲେପନ ପ୍ରାୟ ଅତି ଶୋଭନା।
ଯୁବାଜନହୃଦୟ ବିଦାରିବା ପାଇଁ। ଫୁଟିଛି କିଂଶୁକ କାମ ନଖ କି ଏହି।

କସ୍ତୁରୀର ସୁଗନ୍ଧ ଚାରିଆଡ଼େ ପରିବ୍ୟାପ୍ତ ହୋଇଛି। ତା' ଫଳରେ ଯୁବାଯୁବତୀଙ୍କ ମନ ରସକେଳି ପ୍ରତି ଆକୃଷ୍ଟ ହେଉଛି। ଆଉ ମଧ ତମାଳ ବୃକ୍ଷରେ କଅଁଳପତ୍ର ଜାତ ହୋଇ ଯୁବା ମନକୁ ଅନୁରାଗପୂର୍ଣ୍ଣ କରୁଛି। ତା' ବ୍ୟତୀତ କାମଭାବନାରେ ରସସିକ୍ତ ହୋଇଥିବା ଯୁବାଜନମାନଙ୍କ ହୃଦୟକୁ ବିଦୀର୍ଣ୍ଣ (ପଳାଶଫୁଲଗୁଡ଼ିକ ଲାଲ ରଙ୍ଗ ତଥା ଈଷତ୍ ବକ୍ର ହୋଇଥିବାରୁ) କରିବା ପାଇଁ ପଳାଶଫୁଲଗୁଡ଼ିକ କାମଦେବର ନଖ ପରି ବନରେ ଶୋଭା ପାଉଛନ୍ତି। ଏପରି ଏକ ଦୁଃଖଦାୟକ ବସନ୍ତ କାଳରେ ଶ୍ରୀକୃଷ୍ଣ (ତୁମକୁ ତ୍ୟାଗ କରି) ଗୋପ ନାଗରୀମାନଙ୍କ ମେଳରେ କ୍ରୀଡ଼ାରସରେ ମାତିଛନ୍ତି।

*When the fresh buds of Tamāḷa emit aroma that fills the air like the scent of deer musk and the spiked blossoms of flame of forest, like the nail of the god of love tear at the hearts of Young people, Hari dances with the Young women during this cruel time for deserted lovers.*

ମଦନ-ମହୀପତି-କନକ-ଦଣ୍ଡ-ରୁଚି-କେଶର-କୁସୁମ-ବିକାଶେ,
ମିଳିତ-ଶିଳୀମୁଖ-ପାଟଳି-ପଟଳ-କୃତ-ସ୍ମର-ତୂଣ-ବିଳାସେ।

ନାଗେଶ୍ୱର କୁସୁମର ବିକଚ ଶୋଭା। ମଦନରାୟ କନକଦଣ୍ଡର ପ୍ରଭା।୧୭।
ପାଟଳିକୁସୁମେ ବସେ ମଧୁପଶ୍ରେଣୀ। ମକରଧ୍ୱଜର ଶରଭାରତୀ ଜାଣି।୧୮।

କନ୍ଦର୍ପ ନୃପତିଙ୍କର ସୁବର୍ଣ୍ଣ ଦଣ୍ଡ ଥିବା ଛତ୍ରପରି ଏହି କାନନରେ ନାଗେଶ୍ୱର ଫୁଲ ଫୁଟିଛନ୍ତି ଏବଂ ଆହୁରି ମଧ ଏହି ଗହନବନରେ, ବିରହୀମାନଙ୍କ ହୃଦୟ ବିଦୀର୍ଣ୍ଣକାରୀ ଶରଗୁଡ଼ିକ ତୂଣୀରରେ ଖଞ୍ଜା ହେଲା ପରି ବୃକ୍ଷମାନଙ୍କରେ ପାଟଳିଫୁଲ ଫଳି ମନକୁ କାମବାସନାରେ ଉନ୍ମତ୍ତ କରାଉଛି। ଏପରି ଏକ କଷ୍ଟଦାୟକ ବସନ୍ତ ସମୟରେ ଶ୍ରୀକୃଷ୍ଣ ଗୋପୀମାନଙ୍କ ସହିତ ଲୀଳାବିଳାସରେ ମାତିଛନ୍ତି।

*These gleaming saffron flower pistils are like the golden sceptre of the god of love and wanton bees sucking honey from trumpet flowers appear like arrows in His quiver.*



ବିଗଳିତ-ଲଜ୍ଜିତ-ଜଗଦବଲୋକନ-ତରୁଣ-କରୁଣ-କୃତ-ହାସେ,
ବିରହି-ନିକୃନ୍ତନ-କୁନ୍ତ-ମୁଖାକୃତି-କେତକି-ଦନ୍ତୁରିତାଶେ।

---

ଦେଖ ସଖି ବିକଶିତ କରୁଣାପୁଷ୍ପ। ଜଗତଜନଙ୍କୁ ହସିବାର ସ୍ୱରୂପ।
ଏମଧୁସମୟେ ଯୁବାଜନ ଯୁବତି। ଯହୁଁ ସେ ଛାଡ଼ିଲେ ଲଜ୍ଜା ଚଞ୍ଚଳମତି।
ବିରହିଜନହୃଦୟେ ବାଧଇ କି ସେ। କାମକୁନ୍ତଘାତ କି କେତକୀ ବିକାଶେ।

---

ବସନ୍ତ-ବାସନ୍ତୀରେ ଯୁବାଯୁବତୀ ଲଜ୍ଜା ତ୍ୟାଗ କରି ମଦନମହୋତ୍ସବରେ ମାତିଥିବାରୁ ନବପଲ୍ଲବିତ କରୁଣା ନାମକ ବୃକ୍ଷରେ ଧଳାଫୁଲ ଫୁଟି (ଟଭାଫୁଲ) ଜଗତକୁ ହସିଲା ପରି ବନରେ ଶୋଭା ପାଉଛି। ଆହୁରି ମଧ ବିରହୀମାନଙ୍କ ହୃଦୟକୁ କୁନ୍ତରେ ଚିରି ଛିନ୍ନଭିନ୍ନ କଲାପରି ମୁନିଆ ଦାନ୍ତ ସଦୃଶ କଣ୍ଟାଯୁକ୍ତ କିଆଫୁଲ ଫୁଟି ବନଭୂମିକୁ ସୁଗନ୍ଧରେ ମହକାଇ ଦେଉଛି। ଏପରି ଏକ ମହକପୂର୍ଣ୍ଣ ବସନ୍ତ କାଳରେ ଶ୍ରୀକୃଷ୍ଣ ଗୋପଯୁବତୀଙ୍କ ସହିତ ମିଶି ନୃତ୍ୟ କରୁଛନ୍ତି।

---

*All creatures abandon shyness in intense erotic mood. Looking at their plight,*
*plants bloom into laughter through their tender buds.*
*Ketakī spikes its blossom to wound the hearts of deserted lovers.*



*ମାଧବିକା-ପରିମଳ-ଲଳିତେ ନବମାଳିକୟାତି-ସୁଗନ୍ଧୌ,*
*ମୁନି-ମନସାମପି ମୋହନକାରିଣି ତରୁଣାକାରଣ-ବନ୍ଧୌ।*

| | |
|---|---|
| ପରିମଳ ଲଳିତ ମାଧବୀ ପ୍ରକାଶ। | ନବୀନ ମାଳତୀ ଜାତି ସୁଗନ୍ଧବାସ। |
| ମୁନିଜନମନ କି ଏ ମୋହ କରଇ। | ପାଦପକୁଳକୁ ଅତି ପୀରତି ଏହି। |

ମାଧବୀଫୁଲର ଲଳିତ ସୁଗନ୍ଧରେ ପ୍ରଫୁଲ୍ଲିତ, ନୂତନ ଫୁଟିଥିବା ମାଳତୀ ଓ ଜାଇ ଫୁଲର ସୌରଭରେ ସୁଗନ୍ଧିତ, ମୁନିମାନଙ୍କ ମାନସରେ କାମବିକାର ଜାତକାରୀ ଏବଂ ଯୁବାଯୁବତୀଙ୍କର ସ୍ୱାଭାବିକ ସଖା ଏହି ବସନ୍ତ ସମୟ ଜଗତକୁ ଉଲ୍ଲସିତ କରୁଛି। ଏପରି ଏକ ଉଲ୍ଲାସମୟ ବସନ୍ତର ପ୍ରାଦୁର୍ଭାବରେ ଶ୍ରୀକୃଷ୍ଣ ଗୋପକାମିନୀମାନଙ୍କ ସହିତ ହସଖେଳରେ ମାତି ବନବିହାର କରୁଛନ୍ତି।

*The pleasant scent of Mādhavi, Niāḷi, ẏati etc. pervades the air, enchanting even the meditating hermits, who feel again the passion of intimate bonds of youth, which they had abandoned.*

*ସ୍ଫୁରଦତିମୁକ୍ତଲତା-ପରିରମ୍ଭଣ-ପୁଲକିତ-ମୁକୁଳିତ-ଚୂତେ,*
*ବୃନ୍ଦାବନ-ବିପିନେ ପରିସର-ପରିଗତ-ଯମୁନା-ଜଳ-ପୂତେ।*

| | |
|---|---|
| ପ୍ରସରିତ ଲତା ଘନତରୁକୁ ବେଢ଼ି। | ଆଲିଙ୍ଗନ କରେ କିଏ ନିବିଡ଼େ ଜଡ଼ି। |
| ନାରୀ ପରିରମ୍ଭଣେ ବଲ୍ଲଭ ଯେମନ୍ତ। | ମୁକୁଳିତ ବକୁଳ କି ପଲ୍ଲବେ ଚୂତ। |
| ଅତିରମ୍ୟ ବୃନ୍ଦାବନ କାନନ ଏହି । | ପବିତ୍ର ଯମୁନାଜଳ ଯାଉଛି ବହି। |

ହେ ସଖି! ଏହି ଋତୁରାଜ ପ୍ରଭାବରେ ମାଧବୀ ଲତା ଫୁଲରେ ପରିପୂର୍ଣ୍ଣ ହୋଇ ଆମ୍ରଗଛରେ ଲଟିଥିବାରୁ ସେଥିରେ ମଧ ବଉଳ ଦେଖାଦେଇଛି। ଅର୍ଥାତ, ପୁଷ୍ପବତୀ ମାଧବୀଲତାର ଆଲିଙ୍ଗନରେ ଆମ୍ରବୃକ୍ଷ ମଧ ରୋମାଞ୍ଚିତ ହେଲା ପରି ମଞ୍ଜରୀ ପରିପ୍ରକାଶ କରିଛି। ସାଧାରଣ ଯୁବା-ଯୁବତୀଙ୍କ କଥା କହିବା କ'ଣ, ଜଡ଼ଜଗତରେ ମଧ ବାସନ୍ତୀ ଲୀଳାର ସ୍ଫୁରଣ ଦେଖାଦେଇଛି। ଯମୁନାର ପବିତ୍ର ଜଳରେ ସିକ୍ତ ବୃନ୍ଦାବନର ନିଘଞ୍ଚ ଅରଣ୍ୟ ମଧ୍ୟରେ ଏପରି ଉନ୍ମାଦନାକାରୀ ବସନ୍ତ ସମୟରେ ଶ୍ରୀକୃଷ୍ଣ ତୁମକୁ ତ୍ୟାଗ କରି, ଗୋପକାମିନୀଜନଙ୍କ ସହିତ ଏକାନ୍ତରେ ନୃତ୍ୟ କରିବା ସଙ୍ଗେ ସଙ୍ଗେ କ୍ରୀଡ଼ାବିଳାସରେ ମାତିଛନ୍ତି।

*The budding mango trees quiver with pleasure when embraced by the rising Mādhavī creepers; the forest of Vṛndābana is consecrated with the holy water of the Ẏamunā*



ଶ୍ରୀଜୟଦେବ-ଭଣିତମିଦମୁଦୟତି ହରି-ଚରଣ-ସ୍ମୃତି-ସାରମ୍।
ସରସ-ବସନ୍ତ-ସମୟ-ବନ-ବର୍ଣ୍ଣନ-ମନୁଗତ-ମଦନ-ବିକାରମ୍।

ଅତି ସରସବସନ୍ତ ଋତୁଙ୍କସାର। ମଳୟସମୀର ଧୀର କାମସଧୀର।
ମଦନେ ଉନ୍ମତ୍ତ ସର୍ବଜୀବ ତରଳ। ଏହି ରସଶ୍ରୁତି ପାନେ ଜୀବନିର୍ମଳ।

*x x x x x*

ଏମନ୍ତ ସମୟେ ତୋତେ ଉପେକ୍ଷି ହରି। ବିହରଇ ସଙ୍ଗେ ଘେନି ବରଜନାରୀ।
ହରି-ଚରଣ-ସ୍ମରଣ ସ୍ମୃତି ମଧୁର। ଜୟଦେବ ଭଣେ ବନବର୍ଣ୍ଣନ ସାର।

ଶ୍ରୀଜୟଦେବ କବି ଶ୍ରୀହରିଙ୍କ ପାଦପଦ୍ମରୁ ସ୍ମୃତିକୁ ଜୀବନର ସାର ବୋଲି ମନେକରି, ଯେଉଁ ସମୟରେ ଯୁବାଜନଙ୍କ ମନରେ କାମ ବିକାର ଜାତ ହୁଏ, ସେହି ସରସ ବସନ୍ତ କାଳରେ ବନବର୍ଣ୍ଣନ କରିଛନ୍ତି। ସେହି ରସମୟ ବନବର୍ଣ୍ଣନ ଶ୍ରୀକୃଷ୍ଣଙ୍କ ଲୀଳା ରୂପକ ପୁଟରେ ରସାଣିତ ହୋଇଥିବାରୁ, ତାହା ଜଗତରେ ପ୍ରସାର ଲାଭ କରିଅଛି।

*Sri Jayadeva's song describes the pleasant springtime, when the mood is erotic, while evoking the potentmemory of the feet of Lord Hari, the essence of this existence.*



ଦର-ବିଦଳିତ-ମଲ୍ଲୀ-ବଲ୍ଲି ଚଞ୍ଚତ୍-ପରାଗ-
ପ୍ରକଟିତ-ପଟ-ବାସୈର୍ବାସୟନ୍ କାନନାନି।
ଇହ ହି ଦହତି ଚେତଃ କେତକୀ-ଗନ୍ଧ-ବନ୍ଧୁଃ-
ପ୍ରସରଦସମ-ବାଣ-ପ୍ରାଣବଦ୍‌ଗନ୍ଧବାହଃ।

---

ଦେଖ ସଖି ମଲ୍ଲିକା କୁସୁମ ଫୁଟିଲା।
ଉଛୁଳି ପରାଗ ଲତାପୁଟେ ପଡ଼ିଲା।
ପ୍ରକଟିତ ସୁବାସ ପୂରିତ କାନନ।
ବିରହିଜନଙ୍କ ଚିତ୍ତ କରେ ଦହନ।
କେତକୀସୁଗନ୍ଧ ଘେନି ମୃଦୁପବନ।
ପ୍ରସରିଲା କାମଶର ଦହିବ ପ୍ରାଣ।

---

ହେ ସଖି! ବସନ୍ତକାଳୀନ କାନନରେ ମଲ୍ଲିକାଲତାରେ ଈଷଦ୍ ପ୍ରସ୍ଫୁଟିତ ମଲ୍ଲୀକୁସୁମମାନଙ୍କରୁ ପରାଗ ବାହାରି ତାହାର ପୁଷ୍ପରେଣୁଦ୍ୱାରା ପବନକୁ ସୁଗନ୍ଧିତ କରିଛି। ସେହି ସୁଗନ୍ଧଯୁକ୍ତ ପବନ ସମଗ୍ର ବନଭୂମିରେ ଚହଟିଯାଇ ପରିବେଶକୁ ଆମୋଦଯୁକ୍ତ କରିଛି। ଆହୁରି ମଧ୍ୟ ସେହି ସୁଗନ୍ଧିତ ବାୟୁ ତା'ର ପରମମିତ୍ର କେତକୀ ଫୁଲର ସୁଗନ୍ଧ ସହିତ ମିଳିତ ହୋଇ କାମଦେବଙ୍କୁ ଉଜ୍ଜୀବିତ କରାଇବା ସଙ୍ଗେ ସଙ୍ଗେ ବିରହୀମାନଙ୍କ ହୃଦୟକୁ ଦହନ କରୁଛି। ନବମଲ୍ଲିକା କାମଦେବର ଅନ୍ୟତମ ବାଣ ହୋଇଥିବାରୁ, ତା'ର ସୁଗନ୍ଧ କେତକୀଫୁଲର ସୁଗନ୍ଧ ସହିତ ମିଳିତ ହୋଇ, ବିରହୀ ବିରହିଣୀଙ୍କ ହୃଦୟକୁ କାମବାଣଦ୍ୱାରା ଉନ୍ମଥିତ କରୁଛି।

---

*The pollen dust emanating from partly bloomed Malli Latā (Jasmine),*
*permeate the air, filling the forest with strong fragrance.*
*The southerly breeze, a friend of Ketaki scent and alike the soul of Kāmadeva's arrow,*
*blows here and burns the minds of deserted lovers.*



*ଉନ୍ମୀଳନ୍-ମଧୁ-ଗନ୍ଧ-ଲୁବ୍ଧ-ମଧୁପ-ବ୍ୟାଧୂତ-ଚୂତାଂକୁର-*
*କ୍ରୀଡତ୍-କୋକିଳ-କାକଳୀ-କଳକଳୈରୁଦ୍‌ଗୀର୍ଣ୍ଣ-କର୍ଣ୍ଣ-ଜ୍ୱରାଃ।*
*ନୀୟନ୍ତେ ପଥିକୈଃ କଥଂ କଥମପି ଧ୍ୟାନାବଧାନ-କ୍ଷଣ-*
*ପ୍ରାପ୍ତ-ପ୍ରାଣ-ସମା-ସମାଗମ-ରସୋଲ୍ଲାସୈରମୀ ବାସରାଃ।*

---

ଏମନ୍ତ ବହନ୍ତେ ଧୀରେ ମଳୟାନିଳ। ଅଙ୍କୁର ହୋଇଲେ ଅଗ୍ରେ ଚୂତବକୁଳ।
ଦେଖିଣ ହରଷ ଅତି କୋକିଳକୁଳ। କୁହୁକୁହୁ ଶବଦରେ କରନ୍ତି ରୋଳ।
ଉନ୍ମତ୍ତଭରେଣ ଅତି ଆଳାପବାଣୀ। ଶୁଣି ଚିତ୍ତ ଧରିବ କି ବିରହିପ୍ରାଣୀ।
ଉଜାଗର ମଧୁଗନ୍ଧ ଲୋଭେ ଭ୍ରମର। ମତ୍ତଭରେ ଧ୍ୱନି କରେ ଚୂତଶିଖର।
କ୍ରୀଡ଼ନ୍ତି କୋକିଳ କୋଳାହଳ ଶବଦ। ଶୁଣନ୍ତେ ବିରହି କର୍ଣ୍ଣେ ଜ୍ୱରବିଷାଦ।
ପଥିକ ବିଦେଶିଜନ ଅତି ବିଚ୍ଛିନ୍ନ। ନିଜରାମା ପ୍ରିୟବତୀ ସୁମରି ମନ।
ଗତ କେଳିରସ ମନେ କରିଣ ଧ୍ୟାନ। ଅତିଶୟ ଦୁଃଖେ ନେଲେ ରଜନୀ ଦିନ।
ଅବଧି ସୁମରି କାନ୍ତ ଆକୁଳମତି। ପ୍ରବେଶ ହୋଇଲେ ପ୍ରାଣସମାନ ପତି।
ଅତି ହରଷିତ ବାମା ଉଲ୍ଲାସଚିତ୍ତ। ନାନାରସେ ଦିନ ନେଲେ କାମିନୀକାନ୍ତ।
ଏମନ୍ତ ସମୟେ ତୋତେ ଉପେକ୍ଷି ହରି। ବିହରଇ ସଙ୍ଗେ ଘେନି ବରଜନାରୀ।

---

ହେ ସଖି, ଏହି ବସନ୍ତକାଳୀନ ଦିନଗୁଡ଼ିକ ପଥିକ ବିରହୀମାନଙ୍କ ପକ୍ଷରେ ଅତ୍ୟନ୍ତ ଦୁଃଖପ୍ରଦ ହୋଇଛି। କାରଣ ଆମ୍ରକୁଞ୍ଜରେ ବିକସିତ ହୋଇଥିବା ବଉଳରୁ ମଧୁ ପିଇବା ଲୋଭରେ ଭ୍ରମରମାନେ ଆସି ତାହାକୁ କମ୍ପିତ କରାଉଥିବାରୁ, ସେଥି ସହିତ କ୍ରୀଡ଼ା କରୁଥିବା କୋକିଳମାନେ ଚଞ୍ଚଳ ହୋଇ କଳକଳ ତଥା କୁହୁତାନରେ କୂଜନ କରୁଛନ୍ତି। କୋକିଳମାନଙ୍କର ସେହି କଳକୂଜନ ପଥିକ ବିରହୀଜନମାନେ ଶୁଣି ଆତଙ୍କିତ ହୋଇଉଠୁଛନ୍ତି। ତା ଫଳରେ ସେମାନଙ୍କର କର୍ଣ୍ଣଜ୍ୱର ଅର୍ଥାତ ବିରହସନ୍ତାପ ବୃଦ୍ଧି ହେଉଛି। ତା ବ୍ୟତୀତ ସେହି ପଥିକଜନମାନେ ନିଜ ଜୀବନ-ପ୍ରତିମା ସଦୃଶ ପ୍ରିୟତମାଙ୍କ ସହିତ ସେମାନଙ୍କ ରତିକେଳି ତଥା ସମାଗମ ସୁଖର ସ୍ମରଣରେ ଧ୍ୟାନାବସ୍ଥିତ ହୋଇ ବହୁକଷ୍ଟରେ ଦିନଗୁଡ଼ିକ ବିତାଉଛନ୍ତି।

ଆମ୍ର ମଞ୍ଜରୀର ସଂଦର୍ଶନ, ଭ୍ରମରମାନଙ୍କ ଗୁଞ୍ଜନ, କୋକିଳମାନଙ୍କର କଳକୂଜନ ତଥା ପ୍ରାଣସଦୃଶ ପ୍ରିୟତମାଙ୍କ ସ୍ମରଣରେ ପଥିକ ବିରହୀମାନେ ବିଚଳିତ ହୋଇ ବହୁକଷ୍ଟରେ ବସନ୍ତକାଳୀନ ଦିନଗୁଡ଼ିକ ଅତିବାହିତ କରୁଛନ୍ତି।

---

*In honey-months (spring lime) the smell of honey-laiden flowers attract wanton bees and with their frisky touch quiver and sway the mango inflorescences. The cuckoos frolic and sing in melodious notes which cause afevered State in the ears of lovely travellers. They spend the days meditating upon the bliss of erotic moments they had enjoyed with their sweet hearts back home.*



*ଅନେକ-ନାରୀ-ପରିରମ୍ଭ-ସମ୍ଭ୍ରମ-ସ୍ଫୁରନ୍-ମନୋହାରି-ବିଳାସ-ଲାଳସମ୍।*
*ମୁରାରିମାରାଦୁପଦର୍ଶୟନ୍ତ୍ୟସୌ ସଖୀ ସମକ୍ଷଂ ପୁନରାହ ରାଧିକାମ୍।*

ଏସନସମୟେ ସଖି ଦେବ ମୁରାରି। ଆଲିଙ୍ଗନ ସେ ଅନେକ ଯୁବତି କରି।
ମନୋହାରୀବୃନ୍ଦ କୃଷ୍ଣକେଳିଲାଳସେ। ଉତ୍ସୁକ ହେଉଅଛନ୍ତି ଅତି ହରଷେ।
ଯେସନରେ କ୍ରୀଡ଼ା କରୁଛନ୍ତି ମାଧବ। ଦେଖିଲାକ ସହଚରୀ ତେସନ ଭାବ।
ପୁଣପୁଣ କହେ ବାମା ସଖୀଅଗ୍ରତ। ଶୁଣ ତୁ ସଜନି ଏକ କରିଣ ଚିତ୍ତ।

ଅନେକ ଗୋପଯୁବତୀଙ୍କ ଆଲିଙ୍ଗନଜନିତ ସୁଖ ଅନୁଭବରୁ ଯେଉଁ ବିଳାସ ତାଙ୍କ ଅଙ୍ଗ ଅଙ୍ଗରେ ସ୍ଫୁରିତ ହେଉଛି ଏବଂ ସେହି ମନୋହାରୀ କେଳି ହେତୁରୁ ଯାହାଙ୍କର ଶରୀରରେ ଲୀଳାବିଳାସର ଔତ୍ସୁକ୍ୟ ଫୁଟିଉଠିଛି, ଏମନ୍ତ ରସ-ବିଳାସୀ ଶ୍ରୀକୃଷ୍ଣଙ୍କ ଆଡ଼କୁ ଇଙ୍ଗିତ କରାଇ ସଖୀ ବିରହିଣୀ ଶ୍ରୀରାଧାଙ୍କୁ ପୁଣି କହୁଛି – ହେ ସଖି! ତୁମ ପ୍ରାଣପ୍ରିୟ ଶ୍ରୀକୃଷ୍ଣଙ୍କ ଆଡ଼କୁ ଥରେ ମାତ୍ର ଚାହିଁ ଦେଖ।

*The maid draws Rādhā's attention to Murāri, the victor of Mura, surrounded by many enchanting women rejoicing in His seductive game.*



# ପ୍ରଥମ ସର୍ଗ - ଗୀତ ୪



*ଚନ୍ଦନ-ଚର୍ଚ୍ଚିତ-ନୀଳ-କଳେବର-ପୀତ-ବସନ-ବନମାଳୀ*
*କେଳି-ଚଳନ୍-ମଣି-କୁଣ୍ଡଳ-ମଣ୍ଡିତ-ଗଣ୍ଡଯୁଗ-ସ୍ମିତଶାଳୀ*
*ହରିରିହ ମୁଗ୍ଧ-ବଧୂ-ନିକରେ*
*ବିଳାସିନି ବିଳସତି କେଳିପରେ।*

ନୀଳ କଳେବରେ ଶୋହେ ହରିଚନ୍ଦନ। କଟୀତଟେ ପୀତପଟ ପରିଧାପନ।
ମଣ୍ଡିତ ଗଣ୍ଡଯୁଗଳେ। ଲୀଳାଏ ଡାଳନ୍ତେ ଶୋହେ ମୁଖମଣ୍ଡଳ।
ବିଳାସିନୀବୃନ୍ଦ ମଧ୍ୟେ କରନ୍ତି କେଳି। ବଜାଇ ସୁସ୍ୱରେ ବେଣୁ ଶ୍ରୀବନମାଳୀ।

ହେ ରାଧିକେ, ଶ୍ରୀକୃଷ୍ଣଙ୍କ ନୀଳଶରୀରରେ ଚନ୍ଦନ ଆଲିପ୍ତ ହୋଇଛି। ସେ ପୀତବସନ ପରିଧାନ କରିଛନ୍ତି। ତାଙ୍କର କଣ୍ଠରୁ ପାଦ ପର୍ଯ୍ୟନ୍ତ ବନମାଳା ପ୍ରଲମ୍ବିତ ହୋଇଛି। ଗୋପଯୁବତୀମାନଙ୍କ ଗହଣରେ କ୍ରୀଡ଼ା କରୁଥିବାରୁ କର୍ଣ୍ଣରେ ଥିବା ମଣିନିର୍ମିତ କୁଣ୍ଡଳ ଯୁଗଳର ଶୋଭାରେ ତାଙ୍କ ଗଣ୍ଡସ୍ଥଳ ଶୋଭାପାଉଛି। ମୁଖମଣ୍ଡଳରେ ଈଷତ୍ ହାସ୍ୟରେଖା ଫୁଟିଉଠିଥିବାରୁ, ସେହି ମନୋହର ଗଣ୍ଡଯୁଗଳର ଆଭାରେ ତାଙ୍କ ମୁଖଶୋଭା ଦରହାସରେ ପ୍ରସ୍ଫୁରିତ ହୋଇଛି। ହେ ବିଳାସିନୀ ରାଧିକେ, ସେହି ନାଗର ଶିରୋମଣି ଶ୍ରୀକୃଷ୍ଣ କେଳିରସରେ ମଗ୍ନା ପ୍ରଣୟିନୀ ଗୋପଯୁବତୀମାନଙ୍କ ମଧ୍ୟରେ କ୍ରୀଡ଼ାବିଳାସରେ ମାତିଛନ୍ତି।

*Banamālī wearing a yellow robe and smearing Sandal paste on His blue body sports a garland of wild flowers. Jewel earrings dangle on his charming checks as he smiles, revelling in the company of seductive damsels of Gopa.*

*ପୀନ-ପୟୋଧର-ଭାର-ଭରେଣ ହରିଂ ପରିରଭ୍ୟ ସରାଗଂ।*
*ଗୋପ-ବଧୂରନୁଗାୟତି କାଚିଦୁ-ଦଞ୍ଚିତ-ପଞ୍ଚମ-ରାଗଂ।*

କେବଣ କାମିନୀ କୁଚଭରେଣ ଭାରି। ଆଲିଙ୍ଗନ କରିବାକୁ ସରାଗ କରି।
କେବଣ ଗୋପିନୀ ଗାଏ ପଞ୍ଚମ ସ୍ୱରେ। କର ଦେଇ କହି ଲୋଡ଼େ ଶ୍ରୁତି ମୂଳରେ।

ହେ ରାଧିକେ, ଉନ୍ନତ କୁଚକଳସଭାରରେ ଅବନମିତା କୌଣସି ଏକ ଗୋପଯୁବତୀ ଶ୍ରୀକୃଷ୍ଣଙ୍କୁ ଅନୁରାଗର ସହିତ ଆଲିଙ୍ଗନ କରି, ତାଙ୍କ ଗାନ ସହିତ ସ୍ୱର ମିଳାଇ ପଞ୍ଚମତାନରେ (ଉଚ୍ଚସ୍ୱରରେ) ଗାନକରୁଛି।

*One Gopī with heavy breasts embraces Hari, lovingly singing with Him in tandem.*



*କାପି ବିଳାସ-ବିଲୋଳ-ବିଲୋଚନ-ଖେଳନ-ଜନିତ-ମନୋଜଂ।*
*ଧ୍ୟାୟତି ମୁଗ୍ଧ-ବଧୂରଧିକଂ ମଧୁସୂଦନ-ବଦନ-ସରୋଜଂ।*

କେବଣ ବିଳାସିନୀ ବିଲୋଳଲୋଚନା। ଢାଳିଣ ଚାହାନ୍ତେ କି ଏ ଉଦେ ମଦନା।
କୃଷ୍ଣମୁଖସରୋଜେ ଧ୍ୟାଉଛି ତରୁଣୀ। ହରଷେ ଲାବଣ୍ୟ କୋଟି ମଦନ ଜିଣି।

ହେ ରାଧିକେ, କେଉଁ ଗୋପନାଗରୀ ବିଳାସରସରେ ମଗ୍ନା ହୋଇ, ଚଞ୍ଚଳନେତ୍ର ଯୁଗଳର କଟାକ୍ଷରେ କାମଭାବ ସଞ୍ଚାର କରାଇ, ମଧୁସୂଦନ ଶ୍ରୀକୃଷ୍ଣଙ୍କ ବଦନସରୋଜରୁ ମଧୁ ଝରିପଡୁଛି କି ଭାବି, ଗଞ୍ଜନ ନୟନକୁ ଖେଳାଇବାରେ ଲାଗିଛି। ଅର୍ଥାତ୍ ନିଜର ଚଞ୍ଚଳ ନେତ୍ର ଯୁଗରେ ଶ୍ରୀକୃଷ୍ଣଙ୍କ ପଦ୍ମମୁଖକୁ ଚାହିଁ ରହିଛି।

*Another simple girl looks longingly at the lotus face of Madhusūdana, following His quivering mischievous eyes.*



*କାପି କପୋଳ-ତଳେ ମିଳିତା ଲପିତୁଂ କିମପି ଶ୍ରୁତି-ମୂଳେ।*
*ଚାରୁ ଚୁଚୁମ୍ବ ନିତମ୍ବବତୀ ଦୟିତଂ ପୁଲକୈରନୁକୂଳେ।*

କେବଳ କାମିନୀ କୃଷ୍ଣକପୋଳ ତଳେ। ମୁଖ ଦେଇ କହି ଲୋଡ଼େ ଶ୍ରବଣ ମୂଳେ।
ଦେଖି ଚାରୁଗଣ୍ଡଯୁଗ ପୁଲକ ହୋଇ। ଚୁମ୍ବନ ଦେଲାକ କିଛି ନ ପାରି କହି।
ରମଣୀ ଚୁମ୍ବନ୍ତେ କୃଷ୍ଣ ଚଞ୍ଚଳ ମନୁ। ପୁଲକ ହୋଇଲା ଲୋମ ସକଳ ତନୁ।

ହେ ରାଧିକେ, କୌଣସି ସୁନ୍ଦରୀ ନିତମ୍ବିନୀ ଶ୍ରୀକୃଷ୍ଣଙ୍କ କର୍ଣ୍ଣରେ ଗୋପନୀୟ କେଳିରହସ୍ୟ କହିବା ଛଳରେ, ରସାନୁକୂଳ ଅବସ୍ଥାରେ ପୁଲକିତ ହୋଇଉଠିଥିବା ତାଙ୍କର ମନୋଜ୍ଞ ଗଣ୍ଡରେ ଚୁମ୍ବନ ଦେଇ ଉଲ୍ଲସିତ ହୋଇଉଠୁଛି। ଅର୍ଥାତ୍ ସଖୀମାନଙ୍କ ଗହଣରେ ସହସା ଚୁମ୍ବନ ଦେବାକୁ ଲଜ୍ଜା ଅନୁଭବ କରି, ରହସ୍ୟ କଥା କହିବା ଛଳରେ, ପ୍ରାଣପ୍ରିୟଙ୍କ କର୍ଣ୍ଣମୂଳରେ ମୁଖରଖି, ତାଙ୍କର ପୁଲକିତ ଗଣ୍ଡରେ ଚୁମ୍ବନଦାନ କରି ରସାନୁକୂଳ ଅବସ୍ଥା ସୃଷ୍ଟି କରିଛି।

*A girl with shapely hips plants a kiss on Him under the guise of whispering a secret in His ear, sending Him into raptures.*



*କେଳି-କଳା-କୁତୁକେନ ଚ କାଚିଦମୁଂ ଯମୁନା-ଜଳ-କୂଳେ।*
*ମଞ୍ଜୁଳ-ବଞ୍ଜୁଳ-କୁଞ୍ଜ-ଗତଂ ବିଚକର୍ଷ କରେଣ ଦୁକୂଳେ।*

କେଳୀରସ ଯମୁନାକୂଳର ବିପିନେ। କେଉଁ ଗୋପୀ ଓଟାରେ କୃଷ୍ଣର ବସନେ।
ନିକୁଞ୍ଜ ବେତସ ବନ ଗହନେ ଯିବା। ବିବିଧ ପ୍ରକାରେ କାମକ୍ରୀଡ଼ା କରିବା।

ହେ ରାଧିକେ, କେଳିକଳାକୌତୂହଳରେ କେହି ଗୋପୀ ଶ୍ରୀକୃଷ୍ଣଙ୍କ ସହିତ ଏକାନ୍ତରେ ମିଳିତ ହେବାପାଇଁ, ଯମୁନାକୂଳରେ ଥିବା ମଞ୍ଜୁଳ ବେତସକୁଞ୍ଜକୁ ଆକର୍ଷଣ କରିନେବା ଉଦେଶ୍ୟରେ, ନିଜ କରଯୁଗଳରେ ତାଙ୍କ ପିନ୍ଧାବସନକୁ ଧରି ଭିଡ଼ିନେଉଛି। ଅର୍ଥାତ୍ କୌଣସି ଗୋପୀ ରତିରସରେ ଉତ୍କଣ୍ଠିତା ହୋଇ ଏକାନ୍ତରେ ପ୍ରିୟସଙ୍ଗମ କାମନା କରି ପ୍ରଣୟୀଙ୍କୁ ମନୋଜ୍ଞ ବେତସ କୁଞ୍ଜକୁ ଭିଡ଼ି ନେବାକୁ ଚେଷ୍ଟା କରୁଛି।

*Yet another girl eager to make love drags Him by holding His clothes towards a thicket of reeds along the bank of the Yamunā.*

*କରତଳ-ତାଳ-ତରଳ-ବଳୟାବଳି-କଳିତ-କଳ-ସ୍ୱନ-ବଂଶେ।*
*ରାସ-ରସେ ସହ-ନୃତ୍ୟପରା ହରିଣା ଯୁବତିଃ ପ୍ରଶଶଂସେ।*

ସକଳ ବାମାମଣ୍ଡଳୀ ମଧ୍ୟେ ମୁରାରି। ରାସକ୍ରୀଡ଼ା ରସନୃତ୍ୟ କରନ୍ତି ହରି।
କରତାଳ ଶବଦରେ କିଙ୍କିଣୀ ଧ୍ୱନି। ମଝି ବେଣୁସ୍ୱନେ ତାନ ଏକଇ ଜାଣି।
ପ୍ରଶଂସନ୍ତି ଯୁବତୀକୁ କୃଷ୍ଣ ଅନାଇଁ। ବିବିଧ ପ୍ରକାରେ ଚାଟୁ ବଚନ କହି।

ହେ ରାଧେ, କରତାଳି ଦେଇ କୌଣସି ଗୋପୀ ରାସରସରେ ବିମୁଗ୍ଧା ହୋଇ ବଂଶୀଧ୍ୱନିର ତାଳେ ତାଳେ ନୃତ୍ୟ କରୁଥିବା ସମୟରେ, ତା'ର କଙ୍କଣ ରୁଣୁଝୁଣୁ ହୋଇ ବାଜିଉଠୁଛି। ସେହି ମୁଗ୍ଧା ଗୋପଯୁବତୀର ଆବେଗଭରା ନୃତ୍ୟରେ ମୁଗ୍ଧ ହୋଇ ଶ୍ରୀକୃଷ୍ଣ ତାହାକୁ ପ୍ରଶଂସା କରୁଛନ୍ତି।

*The bangles of a certain woman jingle as she dances clapping her hands, enraptured by the tune of the flute. Impressed by her dance, He admires the lass.*



*ଶ୍ଳିଷ୍ୟତି କାମପି ଚୁମ୍ବତି କାମପି କାମପି ରମୟତି ରାମାଂ।*
*ପଶ୍ୟତି ସ ସ୍ମିତ-ଚାରୁପରା-ମପରାମନୁଗଚ୍ଛତି ବାମାଂ।୪୬।*

କେବଳ ନାରୀକି କୃଷ୍ଣ ଅପାଙ୍ଗେ ଚାହିଁ। କାହାକୁ ନିବିଡ଼େ ଆଲିଙ୍ଗନ କରଇ।
କାହାର ସରୋଜମୁଖେ ଦେଇ ଚୁମ୍ବନ। କେଉଁ ଯୁବତୀକୁ କହେ ହାସ୍ୟ ବଚନ।
କେବଳ ନାରୀକି କୃଷ୍ଣ ରମଣ କରି। ସକଳ ରମଣୀ ରାସଲୀଳା ଏପରି।
କାହା ପଛେ ପଛେ ଗୋଡ଼ାବନ୍ତି ମୁରାରି। କାହାକୁ ଭିଡ଼ନ୍ତି ପାଶେ କରକୁ ଧରି।

ହେ ସଖୀ ରାଧିକେ ! ଦେଖ, ଏହି ରାସରସରେ ଶ୍ରୀକୃଷ୍ଣ କେଉଁ ଗୋପୀକି ଆଲିଙ୍ଗନ କରୁଛନ୍ତି, କାହାର ପୁଲକିତ ଗଣ୍ଡରେ ଚୁମ୍ବନ ଦେଉଛନ୍ତି, କାହା ସହିତ ଆନନ୍ଦରେ କ୍ରୀଡ଼ା କରୁଛନ୍ତି। ଆଉ କେଉଁ ଯୁବତୀ ଆଡ଼କୁ ମନୋଜ୍ଞ ସହାସ୍ୟ ବଦନରେ ଚାହିଁ ତା'ରି ପଛେ ପଛେ ଚାଲିଛନ୍ତି, ଅର୍ଥାତ୍ ଏହି ଗୋପୀମଣ୍ଡଳୀ ମଧ୍ୟରେ ଶ୍ରୀକୃଷ୍ଣ ବିବିଧ ପ୍ରକାର କ୍ରୀଡ଼ା ପ୍ରଦର୍ଶନ କରି ସେହି ବ୍ରଜବାମାଙ୍କୁ ପ୍ରଫୁଲ୍ଲିତ କରାଉଛନ୍ତି।

*In this erotic dance He hugs someone, kisses someone else, makes love with one while glancing smilingly at another, and follows yet another.*



ଶ୍ରୀ ଜୟଦେବ-ଭଣିତମିଦମଭୁତ-କେଶବ-କେଳି-ରହସ୍ୟଂ।
ବୃନ୍ଦାବନ-ବିପିନେ ବଳିତଂ ବିତନୋତୁ ଶୁଭାନି ଯଶସ୍ୟଂ।

ଶ୍ରୀଜୟଦେବ କବିଙ୍କ ଗୀତସରସ। କେବଳ ଗୋପରମଣୀ କେଳିରହସ୍ୟ।
ବୃନ୍ଦାବନ ମନୋଜ୍ଞ ବିପିନ କୁଞ୍ଜରେ। ଏ ରସ ପ୍ରସରୁ ସର୍ବ ସୁଜ୍ଞଜନରେ।

ଶ୍ରୀ ଜୟଦେବ କବିଙ୍କର ଏହି ଅଦ୍‌ଭୁତ କେଶବକେଳିରହସ୍ୟମୟ ଗୀତଗୋବିନ୍ଦ ସର୍ବତ୍ର ପରିବ୍ୟାପ୍ତ ହେଉ। ବୃନ୍ଦାବନରେ ସେହି ମନୋଜ୍ଞ କେଳିବିପିନରେ ଶ୍ରୀକୃଷ୍ଣଙ୍କର ଲଳିତ, ଶୁଭ ତଥା ଯଶସ୍କର କ୍ରୀଡ଼ାରସ ରସିକ ପାଠକମାନଙ୍କର ଚିତ୍ତବିନୋଦନ କରୁ।

*This mysterious love dalliance of Keśaba in the forest of Vṛndābana has been composed into a woundrous song so that this will bring good luck, fame and happiness to the worthy singers and listeners of this song.*

ବିଶ୍ୱେଷାମନୁରଞ୍ଜନେନ ଜନୟନ୍ନାନନ୍ଦମିନ୍ଦୀବର-
ଶ୍ରେଣୀ-ଶ୍ୟାମଳ-କୋମଳୈରୁପନୟନ୍ନଙ୍ଗୈରନଙ୍ଗୋତ୍ସବଂ।
ସ୍ୱଚ୍ଛନ୍ଦଂ ବ୍ରଜସୁନ୍ଦରୀଭିରଭିତଃ ପ୍ରତ୍ୟଙ୍ଗମାଲିଙ୍ଗିତଃ।
ଶୃଙ୍ଗାରଃ ସଖି ମୂର୍ତ୍ତିମାନିବ ମଧୌ ମୁଗ୍ଧୋ ହରିଃ କ୍ରୀଡ଼ତି।

ନାନା ମନୋରଞ୍ଜନେ ଆଦିତ୍ୟ ପ୍ରକାଶ। ଶ୍ୟାମଳ କୋମଳ ତନୁ ମଦନ ବେଶ।
ସ୍ୱଚ୍ଛନ୍ଦେ ନିର୍ଭର ଘେନି ଯୁବତୀ ଯୂଥ। ପୁନଃ ପୁନଃ ଆଲିଙ୍ଗନେ ମଦନେ ମତ୍ତ।
ମୂର୍ତ୍ତିମନ୍ତ ହୋଇଅଛି ଶୃଙ୍ଗାରକଳା। ମଧୁମାସେ କାମୋତ୍ସବ କୃଷ୍ଣର ଲୀଳା।
ବସନ୍ତ ବର୍ଣ୍ଣନା ଏହୁ ରହସ୍ୟ ଲୀଳା। ରାଧିକା ଅଗ୍ରତେ ସହଚରୀ କହିଲା।

ହେ ସଖି ! ପ୍ରେମ ତଥା ଅନୁରାଗର ବଶବର୍ତ୍ତୀ ହୋଇ ସମଗ୍ର ପୃଥିବୀ ଏବଂ ଗୋପୀଜନମାନଙ୍କୁ ଆନନ୍ଦିତ କରି, ନୀଳକମଳ ସଦୃଶ କାନ୍ତିମାନ୍ ଓ କୋମଳଅଙ୍ଗ ଯୁକ୍ତ କାମଦେବଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣ ବ୍ରଜକାମିନୀମାନଙ୍କ ଅଙ୍ଗ ସଙ୍ଗ ଓ ଅନ୍ତରକୁ ପୁଲକିତକରି, ମୂର୍ତ୍ତିମାନ୍ ଶୃଙ୍ଗାରରସ ସଦୃଶ କ୍ରୀଡ଼ା କରୁଛନ୍ତି। ଶ୍ରୀକୃଷ୍ଣ ବ୍ରଜାଙ୍ଗନାମାନଙ୍କୁ ଆଲିଙ୍ଗନ ଚୁମ୍ବନଦାନ ଦେଇ ଏହି ବସନ୍ତକାଳୀନ ବୃନ୍ଦାବନକୁ ରସାଣିତ କରୁଛନ୍ତି।

*In honey-months (spring time), the charming Hari, like the embodiment of Sṛngārarasa, sports in ecstasy, to bestow ānanda (joy and bliss) on all mortals, out of love. He celebrates erotica on his soft, sinous blue lotus body, embraced and wound around by the beautiful maidens of Braja.*





ଅଦ୍ୟୋତ୍‌ସଙ୍ଗ ବସଦ୍‌ଭୁଜଙ୍ଗକବଳକ୍ଳେଶାଦିବେଶାଚଳମ୍
ପ୍ରାଳେୟପ୍ଳବନେଚ୍ଛୟାମୁସରତି ଶ୍ରୀଖଣ୍ଡଶୈଳାନିଳଃ।
କିଂ ଚ ସ୍ନିଗ୍ଧରସାଳମୌଳିମୁକୁଳାନ୍ୟାଲୋକ୍ୟ ହର୍ଷୋଦୟା
ଦୁନ୍ମୀଳନ୍ତି କୁହୂଃ କୁହୂରିତିକଳୋତ୍ତାଳାଃ ପିକାନାଂ ଗିରଃ।

---

ମଳୟ ପବନ ବିଷ ଅନଳ ସହି। ଦେଖ ସଖି! ହିମାଚଳେ ଧୀରେ ଗମଇ।
ଆମ୍ରବଉଳ ଅଶୋକ ବକୁଳ ଫୁଲେ। ପ୍ରମୁଦିତ ହୋଇ ପିକ କୁହୁତାନରେ।
ତା ସଙ୍ଗେ ଚଳଇ ଗାଇ ଆନନ୍ଦେ ଗୀତ। ଏ ଶୋଭା ବିଲୋକି କେ ନୋହେ ବିମୋହିତ।
ବିରହିଣୀ ଜନ ତେଣୁ ସନ୍ତାପାନଳେ। ଅସ୍ଥିର ହୁଅନ୍ତି ସଖି! ଦେଖ ଆକୁଳେ।
ଏ କାଳେ ତୋତେ ବରଜି ଶ୍ରୀଗୋପନାଥ। ଗୋପୀଜନମନ ରଞ୍ଜି ହେଲେ ଉନ୍ମତ୍ତ।
ବସନ୍ତ ବର୍ଣ୍ଣନା ଏହି ରହସ୍ୟଲୀଳା। ରାଧିକା ଅଗ୍ରତେ ସହଚରୀ କହିଲା।
ଶ୍ରୀହରି ଚରଣ ପଦ୍ମପରାଗ ଆଶେ। ଧରଣୀଧରର ମନ ମଧୁପ କି ସେ।

---

ମଳୟପର୍ବତରେ ରହିଥିବା ଚନ୍ଦନବୃକ୍ଷସ୍ଥିତ ସର୍ପମାନଙ୍କ ନିଃଶ୍ୱାସ ପବନରେ ଅତ୍ୟନ୍ତ କ୍ଳେଶ ସହ୍ୟ କରିନପାରି ମଳୟ ପବନ ହିମାଳୟର ହିମଯୁକ୍ତ ଶୀତଳ ଜଳରେ ସ୍ନାନ କରିବା ନିମିତ୍ତ ଆନନ୍ଦମନରେ ସେଠାକୁ ଗମନ କରୁଛି। ମଳୟପବନର ପ୍ରସରଣ (ଗମନ) ସମୟରେ ଉତ୍ସାହିତ ହୋଇ ଏବଂ ଆମ୍ର ବକୁଳ ତଥା ଅଶୋକ ବୃକ୍ଷରେ ଜାତହୋଇଥିବା ବଉଳ ଓ ପୁଷ୍ପସମୂହର ବିକାଶରେ ଆନନ୍ଦବିହ୍ୱଳିତ କୋକିଳମାନେ 'କୁହୁ କୁହୁ' ତାନରେ ସତେ ଯେପରି, ମଧୁର ଗୀତରେ ଦିଗ-ବିଦିଗକୁ ମୁଖରିତ କରିଦେଉଛନ୍ତି। (ବସନ୍ତ ପବନରେ ପ୍ରବାହ, ଆମ୍ର ବଉଳ-ବକୁଳ ଓ ଅଶୋକ ପୁଷ୍ପର ବିକାଶ ତଥା କୋକିଳର କୁହୁତାନ ବିରହିଣୀମାନଙ୍କ ପକ୍ଷରେ ଅତ୍ୟନ୍ତ ଅସହ୍ୟ ହୋଇଉଠିଛି)।

ଏହି ସମୟରେ ଶ୍ରୀକୃଷ୍ଣ ଗୋପକାମିନୀମାନଙ୍କ ଗହଣରେ କାମବଶ ହୋଇ ନୃତ୍ୟ କରୁଥିବାର ଦେଖି ତୁମ ହୃଦୟରେ ଯେ କି ଭାବାନ୍ତର ସୃଷ୍ଟି ହେଉ ନଥିବ, ତାହା ମୁଁ ବେଶ୍ ଅନୁଭବ କରିପାରୁଛି। ହେ ସଖି, ଏ ଦୃଶ୍ୟ ତୁମେ ଦେଖି ପାରୁଛ ତ ?

---

*Winds from sandalwood forests, tormented by the poisonous breath of snakes in the Śrīkhanda hills now head for a cool bath in the mountains of the north.*
*The cuckoos delighted by the appearance of buds on the tips of smooth mango branches coo melodious notes.*